# ଆଦିବାସୀ ସମାଜ ଓ ସାନ୍ତାଳୀ ସଂସ୍କୃତି

**ଡ.ପ୍ରମୋଦିନୀ ଜେନା**
ସହକାରୀ ପ୍ରଫେସର, ବିଭାଗ ମୁଖ୍ୟ,
ଓଡ଼ିଆ, ଭାଷା ସାହିତ୍ୟ, କିସ୍ ମାନିତ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା
Email: promodini.jena@kiss.ac.in

**ସଂକ୍ଷିପ୍ତସାର:**

"ଭାରତ ସ୍ୱାଧୀନ ହେଲାପରେ ଆଦିବାସୀଙ୍କ ପାଇଁ ଏକ 'ଜାତୀୟ ନୀତି' ପ୍ରଣୟନ କରାଯାଇଥିଲା । ଏହି ନିତୀରେ ଆଦିବାସୀଙ୍କର ଜୀବନ, ପରିଚିତ ଓ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖି ସେମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ବ୍ୟବସ୍ଥା ରଖାଗଲା । ଭାରତରେ ୬ କୋଟି ୭୮ ଲକ୍ଷ ଆଦିବାସୀ । ଏମାନେ ଦେଶର ମୋଟ ଲୋକ ସଂଖ୍ୟାର ୮.୦୮% । ଏ ଦେଶରେ ୬୯୮ ପ୍ରକାଣ ଆଦିବାସୀ ଅଛନ୍ତି । ସାରା ଦେଶର ଓଡ଼ିଶା ହିଁ ରାଜ୍ୟ ଯେଉଁଠି ସର୍ବାଧିକ ୬୨ ପ୍ରକାର ଆଦିବାସୀ ଗୋଷ୍ଠି ଅଛନ୍ତି । ୬୯୮ ପ୍ରକାର ଆଦିବାସୀ ମଧ୍ୟରୁ ୭୫ ପ୍ରକାର ଆଦିବାସୀ ଆଦିମ ଅଧିବାସୀ । ଏହି ୭୫ ପ୍ରକାର ମଧ୍ୟରୁ ୧୩ ପ୍ରକାର ଆଦିମ ଅଧିବାସୀ ଓଡ଼ିଶାର ।" (୧)

ଓଡ଼ିଶାରେ ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ଲୋକ ସଂଖ୍ୟାକୁ ନେଇ ଯଦି ବର୍ଗୀକରଣ କରାଯାଇ, ବୃହତ, ମଧ୍ୟମ, କ୍ଷୁଦ୍ର ଏପରି ତିନି ଭାଗରେ ବିଭକ୍ତ କରାଯାଏ, ତେବେ ସାନ୍ତାଳାମାନେ ପ୍ରଥମ ବର୍ଗରେ ସ୍ଥାନିତ ହେବେ । ସାନ୍ତାଳୀମାନେ ଅଷ୍ଟ୍ରିକ ଭାଷା ପରିବାରର ଅନ୍ତର୍ଭୂକ୍ତ ବୋଲି ଭାଷାବିତ୍‌ମାନେ ମତ ପ୍ରକାଶ କରନ୍ତି । ଆଦିବାସୀର ଅସ୍ତିତ୍ୱ ଓ ଅସ୍ମିତା ସମ୍ପର୍କରେ ସଂପ୍ରତି ନିଜେ ଆଦିବାସୀ ସଚେତନ ହେଉଛନ୍ତି । ସାନ୍ତାଳମାନେ ଏହାର ଏକ ପ୍ରକୃଷ୍ଟ ଉଦାହରଣ । ସାନ୍ତାଳୀ ଭାଷା ସମ୍ବିଧାନିକ ସ୍ୱୀକୃତି ପାଇବା, ଶିକ୍ଷିତ ସାନ୍ତାଳୀମାନେ 'ଅଲଚିକ୍' ଲିପିରେ ଲେଖିବା, ନିଜ ଭାଷାରେ କଥା ହେବା, ସର୍ବୋପରି ନିଜ ସଂସ୍କୃତିକୁ ବଡ ବୋଲି ନିଜେ ସମ୍ମାନ ଦେବା, ଏକ ମହାନ ପରମ୍ପରାର ଦ୍ୟୋତକ । ସମାଜତତ୍ତ୍ୱବିଦ୍ ରବର୍ଟ ରେଡଫିଲ୍ଡ ଭାରତୀୟ ସମାଜ ପତନକୁ ଦେଖି ମହାନ ପରମ୍ପରା ଓ କ୍ଷୁଦ୍ର ପରମ୍ପରା ରୂପେ ଯେଉଁ ବିଭାଜନ କରିଥିଲେ ତାହା ସାନ୍ତାଳୀ ଜାତି କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ ବରଂ ସାନ୍ତାଳି ଜାତିର ମହାନ ପରମ୍ପରା ଦ୍ୱାରା ଅନେକ ଉଚ୍ଚ ଜାତି ବା ଉଚ୍ଚ ଭାଷା ଉଦବୁଦ୍ଧ ହେବାର ଅନେକ କାରଣ ରହିଛି । ବିଭିନ୍ନ ମତ ପ୍ରଚ୍ଚର ହୋଇଥିଲେ ହେଁ ସାନ୍ତାଳ ଯେ ଏକ ପ୍ରାଚୀନ ସୁସଂସ୍କୃତି ଜାତି ଏଥିରେ ଦ୍ୱିମତ ନଥିବା ସ୍ୱାଭାବିକ । ଏହି ଆରଣ୍ୟକ ଜାତି ସାରା ପୃଥିବୀରେ ବାସ କରୁଥିବା ଜନଜାତିଙ୍କ ମଧ୍ୟରୁ ଅନ୍ୟତମ ଓ ଭାରତରେ ଏମାନଙ୍କ ସଂଖ୍ୟା ତୃତୀୟ ସ୍ଥାନରେ ସ୍ଥାନିତ ।

**ମୁଖ୍ୟଶବ୍ଦ:** ଅକ୍ଷୁର୍ଣ୍ଣ, ସର୍ବାଙ୍ଗୀନ, ସ୍ଥାନିତ, ସମାଜତତ୍ତ୍ୱବିଦ୍, ପ୍ରଯୁଜ୍ୟ, ଉଦ୍‌ବୁଦ୍ଧ, ଦ୍ୱିମତ, ଆରଣ୍ୟକ, ସୁସଂସ୍କୃତି ।

**ଉପକ୍ରମ:**

ଆଦିବାସୀ ବୋଇଲେ, ଆମେ ସେହିମାନଙ୍କ କଥା କହିଥାଉ ଯେଉଁମାନେ ସେହି ନିର୍ଦ୍ଦିଷ୍ଟ ଭୂଖଣ୍ଡର ପ୍ରାଚୀନତମ ଜନଜାତି ଅଟନ୍ତି । ସାଧାରଣରେ ଆଦିବାସୀ ବୋଲି ସେହିମାନଙ୍କ ଚିତ୍ର ଓ ଚରିତ୍ର ଆଖି ଆଗରେ ନାଚିଯାଏ ଯେଉଁମାନେ ଆଜିର ଗ୍ରାମାଞ୍ଚଳ ବା ସହରାଞ୍ଚଳଠାରୁ ଯୋଜନ ଯୋଜନ ଦୂରରେ ପାହାଡ଼ ଡଙ୍ଗର କୋଳରେ, ବନାଞ୍ଚଳରେ ଅତି ଅନୁନ୍ନତ ଜୀବନ ଯାପନ କରନ୍ତି । ଯେଉଁମାନଙ୍କର ଖାଦ୍ୟ, ବସ୍ତ୍ର, ଚାଲିଚଳଣ, ଭାଷା ଓ ସାଂସ୍କୃତିକ ଭାବ ବିନିମୟ ଆମଠାରୁ ଢ଼େର ଅଲଗା । ଆମେ ସେମାନଙ୍କୁ ଦୁଇ ପ୍ରକାର ନଜରରେ ଦେଖିଥାଉ । ସେମାନଙ୍କ ଦ୍ୱାରା ସଂଗୃହୀତ ବନଜାତ ସାମଗ୍ରୀ ଗୁଡ଼ିକର ଚାହିଦା ଆମ ପରି ସଂସ୍କୃତି ସମ୍ପନ୍ନ ବୋଲାଉଥିବା ତଥାକଥିତ ସଭ୍ୟ ସମାଜରେ ଖୁବ ଅଧିକ । ସେହିପରି ସେମାନଙ୍କର ନୃତ୍ୟଗୀତ ମଧ୍ୟ ଆମ ଆଖିରେ ଖୁବ ଲୋଭନୀୟ ଓ ନିଆରା ଭାବ ପ୍ରଦାୟକ । ଏତଦ୍ ଭିନ୍ନ ଅନ୍ୟ ସବୁ କଥାରେ ଆମେ ସେମାନଙ୍କୁ ଆମଠାରୁ ପଛୁଆ ମନେକରୁ ଓ ସେଇଭଳି ବ୍ୟବହାର ମଧ୍ୟ କରୁ । କିନ୍ତୁ ବାସ୍ତବରେ ଆଦିବାସୀ ବୋଇଲେ ନିଶ୍ଚୟ ସେହିମାନଙ୍କୁ ବୁଝାଏ ଯେଉଁମାନେ କି ଆମ୍ଭମାନଙ୍କର ଓ ବର୍ତ୍ତମାନର ଅନୁସୂଚୀତ ଜନଜାତି ବୋଲାଉଥିବା ସେମାନଙ୍କର ପୂର୍ବ ପୁରୁଷ ଅଟନ୍ତି । କାରଣ ପୁରାତନ ସମୟରେ ଆଜିକାଲି ପରି ଏତେ ଜନାକୀର୍ଣ୍ଣ ଅଞ୍ଚଳ ନଥିଲା । ପ୍ରକୃତିର ନୈସର୍ଗିକ କୋଳରେ ବନାଞ୍ଚଳରେ ବସବାସ କରୁଥିଲେ ଆଧୁନିକ ମାନବର ପୂର୍ବଜମାନେ । ସେହିମାନେ ହିଁ ଥିଲେ ବାସ୍ତବରେ ଆଦିବାସୀ ।

"ଭାରତ ବର୍ଷରେ ଆଦିବାସୀ ସମୂହ ମଧ୍ୟରୁ ସାନ୍ତାଳ ଏକ ସଂଖ୍ୟାବିରିଷ୍ଟ ଜନଜାତି । ଭିଲ ଆଦିବାସୀ ପଛକୁ ରହିଛି ଏମାନଙ୍କର ସ୍ଥାନ । କିନ୍ତୁ, ଭାଷା ଓ ସଂସ୍କୃତିର ସୁରକ୍ଷିତ ଦିଗ ପ୍ରତି ଦୃଷ୍ଟିପାତ କଲେ ଏମାନେ ଯେ ଏକ ସର୍ବବୃହତ ଜାତି ତାହା ସହଜରେ ପ୍ରମାଣିତ ହୋଇଯାଏ । ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଆସାମ, ତ୍ରିପୁରା ତଥା ନେପାଳ, ବାଂଲାଦେଶ ଓ ଭୁଟାନ ଦେଶରେ ଏମାନଙ୍କର ଜନବସତି ଦେଖିବାକୁ ମିଳେ । ୨୦୧୧ ମସିହାର ଜନଗଣନା ଅନୁସାରେ ଭାରତବର୍ଷରେ ଏମାନଙ୍କର ଜନସଂଖ୍ୟା ୭୮,୦୨,୮୯୪ ।

"ବର୍ତ୍ତମାନ ସହରୀକରଣ ଯୁଗରେ ଅନେକ ନିଜର ଭାଷା ଏବଂ ସଂସ୍କୃତି ଦୃଷ୍ଟିକୋଣରୁ ନିଜର ଅସ୍ତିତ୍ୱ ହରାଇଲେଣି ।"(୨) କିନ୍ତୁ ସାନ୍ତାଳ ଜନଜାତି କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଅଲଗା । ଏବର ସଭ୍ୟ ସମାଜ ତାର ଚାରିକର୍ମପାଇଁ ପୂର୍ବ ନିର୍ଦ୍ଧାରିତ ମତେ ବ୍ରାହ୍ମଣ, ଧୋବା ଓ ଭଣ୍ଡାରୀର ସାହାଯ୍ୟ ନେଉଥିବା ସ୍ଥଳେ ସାନ୍ତାଳମାନେ ସ୍ୱକୀୟ ବ୍ୟବସ୍ଥାରେ ଏସବୁ କାର୍ଯ୍ୟ ସମ୍ପାଦନ କରନ୍ତି । ପୂଜାପାଠ ହେଉ କିମ୍ବା ଜାତ, ବିବାହ ଓ ମୃତ୍ୟୁ ସଂସ୍କାର- ଏସବୁଥିରେ ବିଭିନ୍ନ ପର୍ଯ୍ୟାୟରେ ସମାଜ ଦ୍ୱାରା ନିୟୋଜିତ ସ୍ୱଜାତିର ଲୋକହିଁ ସବୁ କର୍ମ କରେ । ତାଙ୍କର ସବୁ ଗ୍ରାମରେ ଗ୍ରାମ୍ୟ ଅନୁଷ୍ଠାନ ରହିଛି । ଗ୍ରାମର 'ମାଝୀ' ଦ୍ୱାରା ଏସବୁ କର୍ମ ସାଧିତ ହୁଏ । ତାଙ୍କୁ ସହଯୋଗ କରିବା ପାଇଁ ଉପମୁଖ୍ୟ 'ଜଗମାଝୀ', 'ପାରାନିକ୍', 'ଗଡ଼େତ୍' ରହିଥାଆନ୍ତି । ସେହିପରି ଗ୍ରାମର ପ୍ରତିଘରୁ ଚାନ୍ଦା ଆଦାୟ କରାଯାଏ । ସେଥିରେ ଅନ୍ୟାନ୍ୟ ପୂଜା ସାମଗ୍ରୀ ସହିତ ବଳିପାଇଁ କୁକୁଡ଼ା, ଛେଳି ଆଦି କିଣାଯାଏ । ସେଗୁଡ଼ିକୁ 'ସଳେଦାକା' ବା ଖେଚୁଡ଼ି କରି ଖିଆଯାଏ । "ସାନ୍ତାଳ ସହିତ ଅନ୍ୟ ଆଦିବାସୀ ମାନଙ୍କର ପ୍ରତିପୂଜାରେ ବଳି ପଡୁଥିବାରୁ ଅନେକ ଆଲୋଚକ ଗ୍ରାମଦେବଦୀଙ୍କର ପୀଠରେ ବଳି ପ୍ରସଙ୍ଗକୁ

ନାପସନ୍ଦ କରନ୍ତି । ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ଗଣମାଧ୍ୟମ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହାକୁ ବନ୍ଦ କରିବା ପାଇଁ ଉପଦେଶ ଦିଅନ୍ତି ।"(୩)

ଗ୍ରାମ୍ୟ ଦେବଦେବୀଙ୍କୁ ସାନ୍ତାଳ ମାନେ ଜାହିରାପୀଠ, ଗୋରୁଗୋଠ, 'ଗସାଣେ'ରେ ପୂଜା କରୁଥିବା ସ୍ଥଳେ ଗୃହଦେବାଦେବୀଙ୍କୁ ଅଭ୍ୟନ୍ତର ଗୃହ ବା 'ଭିତାର' ରେ ପୂଜା କରନ୍ତି । ପ୍ରତି ପର୍ବପର୍ବାଣି ଅବସରରେ ଗୃହସ୍ୱାମୀ ପିତୃପୁରୁଷଙ୍କୁ ଏହି ଭିତାର୍‌ରେ ହିଁ ପୂଜା କରିଥାଏ । ଗ୍ରାମ୍ୟପୂଜା ପାଇଁ ଗ୍ରାମବାସୀ ଦ୍ୱାରା ନିଯୁକ୍ତ ହୋଇଥିବା 'ନାୟକେ' ଓ ଗୃହରେ ଗୃହସ୍ୱାମୀ ନିଜେ ପୂଜା କରେ । ସାନ୍ତାଳ ମାନେ ଅତିମାତ୍ରାରେ ଭୂତପ୍ରେତ ଉପରେ ବିଶ୍ୱାସ କରୁଥିବାରୁ ବିଭିନ୍ନ ସମୟରେ ଛେଳି, ମେଣ୍ଢା, କୁକୁଡ଼ା, ବତକ, ପାରା ବଳି ଦେଇ ଓଝା ବା ଗୁଣିଆ ସେମାନଙ୍କୁ ସୁସ୍ଥ କରେ ।

ଏଠାରେ ଉଲ୍ଲେଖଯୋଗ୍ୟ ସାନ୍ତାଳ ପୂଜାପାଠରେ କୌଣସି ପର୍ଯ୍ୟାୟରେ ବ୍ରାହ୍ମଣ ଲୋଡ଼ାଯାଏ ନ ଥାଏ । ବରଂ ଗ୍ରାମ୍ୟ ଦେବଦେବୀପାଇଁ ନାଏକେ ପୂଜାକାମ କରୁଥିବା ସ୍ଥଳେ ଗୃହଦେବତା ଓ ପିତୃପୁରୁଷ ମାନଙ୍କ ପାଇଁ ହେଉଥିବା ପୂଜାକାମ କୁଟୁମ୍ବର ମୁଖ୍ୟ କରିଥାଏ । ସାନ୍ତାଳମାନଙ୍କର ଦେବପୂଜାକୁ ସକାମ ପୂଜା କହିଲେ ଅତ୍ୟୁକ୍ତି ହେବନାହିଁ ।

**ଉଦ୍ଦେଶ୍ୟ :**

- ବିଶ୍ୱ ସ୍ତରରେ ସାନ୍ତଳ ସମାଜ ଓ ସଂସ୍କୃତିକୁ ପ୍ରତିଷ୍ଠା କରାଇବା ।
- ସାନ୍ତାଳ ସମାଜର ନୃତ୍ୟ,ଗୀତ, ଧର୍ମ, ଲିପି ତଥା ପାରମ୍ପରିକ ଜ୍ଞାନକୌଶଳ ବହୁମାତ୍ରାରେ ପ୍ରଚାର ପ୍ରସାର କରାଇବା ।
- ବୈଷୟିକ ଜ୍ଞାନକୌଶଳ ପ୍ରୟୋଗକରି ସାନ୍ତାଳ ଜନଜାତିର ସମସ୍ତ କୃତିକୁ ସଂରକ୍ଷିତ କରିବା ।

## ପୂର୍ବପାଠର ଆଲୋଚନା :

୧୯୯୫,ବନଜା, Shri M.K.Purkait, IAS, Chief Editor, Dr. A.C Sahoo, Editor, Published by Academy of Tribal Dialects and Culture, Bhubaneswar.

ଆଦିବାସୀ ଭାଷା ଓ ସସ୍କୃତି ଏକାଡେମୀର ନିଷ୍ଠା ତଥା ଉଦ୍ୟମରେ ଆଦିବାସୀ ଭାଷା ପ୍ରଶିକ୍ଷଣ କେନ୍ଦ୍ରମାନ ଖୋଲାଯାଇ ଆଦିବାସୀ ଅଞ୍ଚଳର ପ୍ରାଥମିକ ଶିକ୍ଷକମାନଙ୍କୁ ତଥା ପଦାଧୀକାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯିବା ଦ୍ୱାରା ଆଦିବାସୀମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଦର ପ୍ରକାଶ ପାଇବା ଶୁଭ ସଂଙ୍କେତ ।

ଭାଷା ମାଧ୍ୟମରେ ଆଦିବାସୀମାନେ ତାଙ୍କ ଅଭାବ ଅସୁବିଧାକୁ ଆଦିବାସୀ ଉନ୍ନୟନ ସହ ସଂପୃକ୍ତ ପଦାଧିକାରୀମାନଙ୍କ ନିକଟରେ ପରିପ୍ରକାଶ କରିପାରୁଥିବା ସହଜରେ ଅନୁମେୟ । ଏ ପ୍ରଚେଷ୍ଟାର ଆଉ ଅନ୍ତ ନାହିଁ । ତାଙ୍କ ସହ ଏକତ୍ର ହେବା ପାଇଁ ସାଂସ୍କୃତିକ ପରମ୍ପରାକୁ ଅକ୍ଷୁଣ୍ଣ ରଖି ତାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଅଭିଯାନକୁ ଚାଲୁ ରଖିବା ସମସ୍ତଙ୍କର କାର୍ଯ୍ୟ ।

୧୯୯୭, ଲୋକସାହିତ୍ୟ ଗବେଷଣା, ସଂପାଦନା: ଡକ୍ଟର ଶ୍ୟାମସୁନ୍ଦର ମହାପାତ୍ର, ଡକ୍ଟର ମିହିର କୁମାର ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ ।

ଲୋକସାହିତ୍ୟ ଗବେଷଣା କୌଣସି ଦେଶ, ଅଞ୍ଚଳ, ବା ଜାତିର ପୂର୍ଣ୍ଣାଙ୍ଗ ସାମାଜିକ ଓ ସାଂସ୍କୃତିକ ଇତିହାସ

ରଚନା କରିବାକୁ ଗଲାବେଳେ ଯେପରି ପ୍ରନ୍ତସାକ୍ଷର ପଦାଙ୍କ ଅନୁସରଣକରି ପ୍ରାୟ କୁଝଟିକା ଭିନ୍ନ ଅସ୍ୱଷ୍ଟ ଅତୀତରୁ ଧୀରେ ଧୀରେ ବର୍ତ୍ତମାନ ଆଡକୁ ଆଗେଇ ଆସିବାକୁ ହୁଏ । ଠିକ୍ ତା'ର ବିପରୀତରେ ଚଳମାନ ସମାଜର ବିଭିନ୍ନ କର୍ମସ୍ୱତ ଅବଲମ୍ବନ କରି ଧୀରେ ଧୀରେ ଅତୀତ ଆଡକୁ ମଧ୍ୟ ଆଗେଇବାକୁ ପଡିଥାଏ ।

୨୦୦୧, ଆଦିବାସୀ ଭାଷା ସାହିତ୍ୟ ଓ ସଂସ୍କୃତି ବିଶେଷଙ୍କ, କୋଣାର୍କ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର: ଆଦିବାସୀ ସମାଜ, ସଂସ୍କୃତି, ଭାଷା, ଲିପି, ଜୀବନ, ନୃତ୍ୟ, ଗୀତ, ଦେବୀପୁଜା ତଥା ସାମାଜିକ ଜୀବନ ଉପରେ ତଥ୍ୟ ପ୍ରଦାନ କରାଯାଇଛି ।

୨୦୦୧ –Santal World view, Edited by Nita Mathur, Indra Gandhi National centre for the Arts, New Delhi.

This book deals with culture and life style of the Santal which is one of the Indian sub-continent. The sixteen essays collected here explore major tribal groups in the eastern part of the Santal concepts of body, wood and seed, sound symbolism, formation and transmission of script, man and animals relationship food and cooking; healing practices, religious beliefs and festivals and the notion of the 'other' world in a distinctive framework of interpretation and analyses. More importantly, It contains contribution from Santal intellectuals representing the self-view of their cultural. (4)

୨୦୦୭, ଆଦିବାସୀ ମୌଖିକ ସାହିତ୍ୟ ପରମ୍ପରା ଓ ସଂଙ୍କେତ, ସମ୍ପାଦନା ଚିତ୍ରସେନ ପଶାୟତ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।

ସାନ୍ତାଳ ଓ ମୁଣ୍ଡା ସବୁ ଉଭୟ ଅଞ୍ଚଳର ଦୁଇଟି ପ୍ରମୁଖ ହର୍ ବା କୃଷିଜୀବୀ ଜାତି । ଏମାନଙ୍କ ସଂସ୍କୃତି, ଜୀବନଧାରା ଓ ଲୋକଗୀତ ଦେଖିଲେ, ଯେ କେହି ଅନୁମାନ କରିପାରିବ ଉଚ୍ଚ ସଂସ୍କୃତି ବିଷୟରେ, ମାଘ ମାସରେ ସାନ୍ତାଳମାନଙ୍କ ବାହାର ନାଚଗୀତ, ଗହ୍ମା ପୂର୍ଣ୍ଣିମାରେ ରିଞ୍ଜା, ବିବାହ ବେଳେ ଦଣ୍ଡ ନାଚ ଗୀତ ତା ସହିତ ଦସାଇଁ, ଡାଣ୍ଟା, ଭୂଆଙ୍ଗ, ଧାଙ୍ଗେଡ, ସିଂରାୟ ଆଦି ନାଚଗୀତ ସହ ସାନ୍ତାଳ ସଂସ୍କୃତିର ଏକ ଅନନ୍ୟ ପରିଚୟ । ଆଦିବାସୀ କେହି ଶୁଣୁ ବା ନଶୁଣୁ ସେମାନେ କିନ୍ତୁ ତାଙ୍କ ସାଂସ୍କୃତିକ ଇତିହାସ ଗାଇଚାଲିଛନ୍ତି ।

୨୦୦୮– ଆଦିବାସୀ ସମାଜ ଓ ସଂସ୍କୃତି, ଶ୍ରୀ ନୃସିଂହପ୍ରସାଦ ମିଶ୍ର, ଶ୍ରୀ ଶୁକଦେବ ସାହୁ, ମନୋରମା ପବ୍ଲିଶର୍ସ, ବାଲୁ ବଜାର, କଟକ ।

'ଆଦିବାସୀ' ଶବ୍ଦଟି ଇଂରେଜ 'ଆବୋରିବିନ' ଶବ୍ଦର ଭାରତୀୟ ରୂପାନ୍ତର । ଏହି ଶବ୍ଦ ଆଦ୍ୟ ବା ଆରମ୍ଭାର୍ଥକ ଇଂରେଜ ଶବ୍ଦ 'ଅରିବିନ' ରୁ ଆଗତ । 'ଆବୋରିଜିନିକ୍' ଶବ୍ଦର ଅର୍ଥ ବୁଝାଇବାକୁ ଯାଇ କୁହାଯାଏ – କୌଣସି ଦେଶକୁ ସଭ୍ୟ ଜାତିର ଆରମ୍ଭ ପୁର୍ବରୁ ସେ ଦେଶ ବା ସ୍ଥାନରେ ବସବାସ କରି ରହିଥିବା ସ୍ଥାନୀୟ ଲୋକ ।

ଆମ ଭାରତବର୍ଷରେ ଆର୍ଯ୍ୟମାନଙ୍କ ଆଗମନ ପୁର୍ବରୁ ଉର୍ବର ସମତଳ ଅଞ୍ଚଳରେ ଯେଉଁମାନେ ରହୁଥିଲେ, ପରବର୍ତ୍ତୀକାଳରେ ବଣପାହାଡ ଅଞ୍ଚଳରେ ବାସ କଲେ ସେମାନେ ହିଁ ଭାରତର ଆଦିବାସୀ ବା ମୂଳ ବାସୀନ୍ଦା ।

୨୦୧୨– ଲୋକ ସଂସ୍କୃତି: ସିଦ୍ଧାନ୍ତ ଓ ପ୍ରୟୋଗ, ମହେନ୍ଦ୍ର କୁମାର ମିଶ୍ର, ଓଡିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ

ପ୍ରକାଶକ ସଂସ୍ଥା, ପୁସ୍ତକଭବନ, ଭୁବନେଶ୍ୱର ।

ଓଡିଶା ସାହିତ୍ୟର ଗଭୀର ଅବଗାହନ କରେ ଓଡିଶାର ସଂସ୍କୃତିର ସମୀକ୍ଷା ଗୁଣାତ୍ମକ ହୋଇପାରିବ । ଏହାର ପରିସର ବିଶ୍ୱର ଲୋକସଂସ୍କୃତି ଗବେଷଣାର ସିଦ୍ଧାନ୍ତ ଠାରୁ ଆରମ୍ଭ କରି ଓଡିଶାର ଆଦିବାସୀ ଓ କୃଷକ ସମାଜର ସଂସ୍କୃତି ସମୀକ୍ଷା ପର୍ଯ୍ୟନ୍ତ ପରିବ୍ୟାପ୍ତ । ଲୋକ ସଂସ୍କୃତିର ଜ୍ଞାନ ଲୋକଙ୍କ ଭୂମିରୁ, ଭାଷାରୁ ଓ ଅଭିଜ୍ଞତାରୁ ପ୍ରସୂତ ।

୨୦୧୬, ଓଡିଆ ଉପନ୍ୟାସରେ ଆଦିବାସୀ ଜୀବନଚର୍ଯ୍ୟା, ଡକ୍ଟର ସୁଲୋଚନା ଦାସ, ବିଦ୍ୟାପୁରୀ, ବାଲୁ ବଜାର, କଟକ ।

ସମ୍ୟକ୍ + ଅଜ୍ + ଅ = ସମାଜ । ଏହା ସମାଜ ଶବ୍ଦର ଭାଷାଗତ ବ୍ୟୁତ୍ପତ୍ତି ସମାଜ ଇଂରାଜୀ society ଶବ୍ଦ ସମବାଚକ । ଯାହାର ଅର୍ଥ ଗିତିଶୀକତା ବା ଆଗକୁ ଯିବା , ଲାଟିନରେ society, ଗ୍ରୀକରେ socies ଶବ୍ଦରୁ ପରବର୍ତ୍ତୀ କାଳରେ ଇଂରାଜୀ society ଶବ୍ଦ ହୋଇଛି ।

୨୦୧୭, ଦାରୁଦେବତା, ବେଣୀମାଧବ ପାଢ଼ୀ, କଟକ ଷ୍ଟୁଡ଼େସ ଷ୍ଟୋର, ବାଲୁ ବଜାର କଟକ । ଭାରତ ବର୍ଷର ଆଦିମ ଇତିହାସ ବୋଇଲେ ମୂଳତଃ ଶବର ଇତିହାସକୁ ବୁଝାଏ । କାରଣ ଭାରତର ଆଦିମ ଆଗନ୍ତୁକମାନଙ୍କ ମଧ୍ୟରେ ସବୁଠାରୁ ପ୍ରାଚୀନତମ ଜାତି ହେଉଛି ନିଗ୍ରୋ ବା ନିଗ୍ରୋ ଆକୃତି ବିଶିଷ୍ଟ ।

୨୦୧୭, ବନଜା, ଆଦିବାସୀଭାଷା ଓ ସଂସ୍କୃତି ଏକାଡେମୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଓଡିଶା ସରକାର, ଭୁବନେଶ୍ୱର ।

ଅନ୍ୟ ଆଦିବାସୀ ସମୂହ ପରି ସାନ୍ତାଳମାନେ ଅତିମାତ୍ରାରେ ଆଧ୍ୟାତ୍ମବାଦୀ, ସେମାନଙ୍କ ବିଶ୍ୱାସ ଅନୁସାରେ 'ମାରାଂବୁରୁ' ହେଉଛନ୍ତି ସର୍ବମୟ କର୍ତ୍ତା । ତାଙ୍କରି ଇଙ୍ଗିତରେ ଋତୁଚକ୍ରଠାରୁ ଆରମ୍ଭ କରି ଜନ୍ମ, ମୃତ୍ୟୁ ଓ ଅନ୍ୟ ସମସ୍ତ ପ୍ରକାରର ଜାଗତିକ ଘଟଣା ଘଟେ । ତେଣୁ ଭଲ ବୃଷ୍ଟି, ଭଲ ଫସଲ, ନିରୋଗ ଜୀବନଯାପନ ପାଇଁ ତାଙ୍କୁ ସନ୍ତୁଷ୍ଟ କରି ରଖିବା ନିତ୍ୟାନ୍ତ ଆବଶ୍ୟକ । ସର୍ବମୟ କର୍ତ୍ତା 'ମାରାଂବୁରୁ'ଙ୍କ ବ୍ୟତୀତ ସାନ୍ତାଳମାନଙ୍କର ତିନିସ୍ତରରେ ଦେବତା ରହିଛନ୍ତି । ଗ୍ରାମ, ଗୃହ ଓ ବ୍ୟକ୍ତିଗତ ଉପାସନା ନେଇ ସେମାନେ ଭିନ୍ନଭିନ୍ନ । ଗ୍ରାମ୍ୟ ଦେବତା ପ୍ରମୁଖ ହେଉଛନ୍ତି 'ମାରାଂବୁରୁ' 'ଜାହେର ଏରା' 'ମେଣକ ତୁରୁୟକ'; ଗୟସଂଏରା 'ସୀମାସାଳେ' 'ରଙ୍ଗବୁଙ୍ଗା' ପ୍ରଭୃତି ।

୨୦୧୯, ଜୁଲାଇ- କାଦମ୍ବିନୀ, ସ୍ୱନକ୍ଷତ୍ର ସ୍ୱତନ୍ତ୍ର, ଜନଜାତି ବିଶେଷଙ୍କ- ଏ ସଂଖ୍ୟାରେ ଆଦିବାସୀ ଜନ ଜୀବନ, ପ୍ରଥା ପରମ୍ପରା, ବିଶ୍ୱାସ ଅବିଶ୍ୱାସ, ସମାଜ–ସଂସ୍କୃତି–ସଭ୍ୟତାକୁ ନେଇ ସ୍ୱତନ୍ତ୍ର ଆଲୋଚନା । ପ୍ରକୃତିର ବିଭିନ୍ନ ବିବର୍ତ୍ତନ ପଥଦେଇ ମାନବ ଜାତିର ଉତ୍ପତି ଓ ବିକାଶ ସାଧିତ ହୋଇଛି । ସୃଷ୍ଟିରୁ ଆରମ୍ଭ କରି ପୂର୍ଣ୍ଣାଙ୍ଗ ମାନବ ହେବା ପର୍ଯ୍ୟନ୍ତ ମନୁଷ୍ୟ ସମ୍ପୂର୍ଣ୍ଣ ଭାବରେ ପ୍ରକୃତି ଉପରେ ନିର୍ଭର କରୁଥିଲା ଏବଂ ନାମ ପାଇଥିଲା ଆଦିମାନବ ବା ଆଦିମ ମାନବ । ଏଣୁ ଏମାନଙ୍କୁ କୁହାଗଲା ସର୍ବପ୍ରଥମ ନିବାସୀ, ସର୍ବପ୍ରଥମ ଜାତି; ଆଦିବାସୀ । ଯଦିଓ ପ୍ରତ୍ୟେକ ମଣିଷ, ପ୍ରତିଟି ଜାତି ଏହି ସର୍ବପ୍ରଥମ ନିବାସୀ ତଥା ଜାତିର ଆଧୁନିକ ରୂପାନ୍ତର; ତଥାପି କେବଳ ଏହି ଆଦିବାସୀମାନେ ହିଁ ପୃଥିବୀର ସର୍ବପ୍ରଥମ ଅଧିବାସୀର ସମ୍ମାନ୍ନ ଲାଭ କରନ୍ତି ।

**ସମସ୍ୟା:**

- ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ବୈଷୟିକ ଜ୍ଞାନକୌଶଳର ଅଭାବ, ଭାଷା ଲିପିର ପ୍ରଚାର ପ୍ରସାର, ନାରୀ ଶିକ୍ଷା, ଅର୍ଥନୈତିକ ସମସ୍ୟା, ସାମାଜିକ ମୁଖ୍ୟ ସ୍ରୋତରୁ ନିଜକୁ ଦୂରେଇ ରଖିବା, ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ ନ କରିବା, ପରିବାରର ନିୟନ୍ତ୍ରଣ, କମ୍ ବୟସରେ ବିବାହ ପ୍ରଥା, ଅନ୍ଧବିଶ୍ୱାସ, କୁସଂସ୍କାର ଆଦି।
- ଓଡ଼ିଶାରେ ଆଦିବାସୀ ସମାଜର ଉତ୍‌ଥାନ ଓ ଅଭ୍ୟୁଦୟ ଲାଗି ନିଆଯାଉଥିବା ସମସ୍ତ ସମନ୍ୱିତ ଯୋଜନା ସଫଳ ନ ହୋଇପାରିବାର ଏକ ପ୍ରମୁଖ କାରଣ ହେଲା ।
- ଆଭିଜାତ ବୋଲାଉଥିବା ଉପକୂଳବାସୀ ଓ ଅରଣ୍ୟ ବାସୀମାନଙ୍କ ମଧ୍ୟରେ ଥିବା ଭାବନା (ବ୍ୟବଧାନର ପ୍ରାଚୀର) ମଧ୍ୟରେ ଅଙ୍ଗୁଳି ନିର୍ଦ୍ଦେଶ ।
- ଆମେ ସାଧାରଣ ଓ ସେମାନେ ନିକୃଷ୍ଟ ବା ହରିଜନ ଓ ଆଦିବାସୀ ଏହି ବ୍ୟବଧାନ ସୂଚକ ଅବଜ୍ଞା ଭାବ ।
- ନିର୍ବାଚନ ରାଜନୀତିକୁ ଆଧାର କରି ବିପନ୍ନଙ୍କୁ ରିଲିଫ ଯୋଗାଣ ମାନସିକତା ରଖିଲା ପରି ହାତଟେକା ଅନୁଦାନ ଦେଇ ଯୋଜନା ସମୟରୁ ବାଟମାଣାରର ଗଳାବାଟ ରଖି ସେହି ଅନୁଦାନର ସିଂହଭାଗ ନିଜ ପକେଟକୁ ନେବା ଓ ଯୋଜନାକାରୀଙ୍କର ହୀନମନ୍ୟତା ହିଁ ବିଫଳତାର ମୁଖ୍ୟ କାରଣ । ଯେଉଁ କାରଣ ଲାଗି ଆଦିବାସୀ ଉନ୍ନୟନ ଯେଉଁ ତିମିରେକୁ ସେଇ ତିମିରେ ।

**ଆଲୋଚନା:**

"ପୌରାଣିକ ଆଖ୍ୟାନ (ସଂସ୍କୃତ ପୁରାଣ)ରୁ ଜଣାପଡ଼େ ପୂର୍ବ ଭାରତର ସମୁଦ୍ରକୂଳ ସଂଲଗ୍ନ ରାଜ୍ୟରେ ଶବର ଜାତିର ଅଧିବାସୀମାନେ ବହୁ ସଂଖ୍ୟାରେ ବସବାସ କରୁଥିଲେ ।"(୫)"ପୁନଶ୍ଚ ପ୍ରାଚୀନ ଅଷ୍ଟାଦଶାଟବୀ ରାଜ୍ୟ ଯାହା ସାଧାରଣତଃ ପାର୍ବତ୍ୟାଞ୍ଚଳରେ ପ୍ରତିଷ୍ଠିତ ଥିଲା ତାହାକୁ ଉତ୍କଳର ପୁରାତନ ଅଷ୍ଟାଦଶ ଗଡ଼ଜାତ ରାଜ୍ୟ ବୋଲି କୁହାଯାଇପାରେ । "ଯେଉଁଥିରେ ବାସିନ୍ଦା ଭାବେ ମୁଖ୍ୟତଃ ବସବାସ କରୁଥିଲେ ଆଟବିକ ଜାତିମାନେ ।" (୬) "ବର୍ତ୍ତମାନର ଓଡ଼ିଶା ଯେଉଁସବୁ ନାମରେ ପୂର୍ବରୁ ପରିଚିତ ଥିଲା ଯଥା- 'କଳିଙ୍ଗ', 'ଉତ୍କଳ', ଉଡ୍ର ବା ଓଡ୍ର', ଏସବୁ ଗୋଟିଏ ଗୋଟିଏ ମାନବ ଜାତିର ନାମ ଅଟେ ଯେଉଁ ଜାତିମାନେ ଥିଲେ ପୁରାତନ ଓଡ଼ିଶାର ଆଦିମ ଆଦିବାସୀ । ଏମାନଙ୍କୁ ଚିହ୍ନିତ କରିଗଲେ 'ଶାବର'ବୋଲି । "ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସେହି ଶବର ଜାତିର କୁଳଦେବତା ।" (୭)

ଓଡ଼ିଶା ହେଉଛି ଆଦିବାସୀମାନଙ୍କ ଆଦିଭୂମି । ସର୍ବଭାରତୀୟ ପରିପ୍ରେକ୍ଷୀରେ ଯେଉଁପରି କୁହାଯାଏ ଯେ ହିନ୍ଦୁକୁଶ ପର୍ବତାମାଳା ଅତିକ୍ରମ କରି ଆରିୟାନ ବା ଆର୍ଯ୍ୟମାନେ ଏ ଦେଶକୁ ପ୍ରବେଶ କରିବା ପରେ ଏ ଦେଶର ମୂଳ ବାସିନ୍ଦାମାନେ ସେହି ତଥାକଥିତ ହିନ୍ଦୁ ଓ ଦ୍ରାବିଡ଼ମାନଙ୍କ ଆକ୍ରମଣରେ ବିତାଡ଼ିତ ହୋଇ ବଣ ପାହାଡ଼ରେ ଲୁଚିରହି ଜୀବନ ବିତାଇଲେ । ସେଇମାନେ ହେଉଛନ୍ତି ଆଦିବାସୀ ଓ ଗିରିଜନ । ଅନେକ ନୃତତ୍ତ୍ୱବିତ ଓ ସମାଜତତ୍ତ୍ୱ ପ୍ରବକ୍ତା ଏହାକୁ ମାନନ୍ତି ନାହିଁ । ସେମାନଙ୍କ ମତରେ ଏହି ଆର୍ଯ୍ୟ ଅଣଆର୍ଯ୍ୟ ଭାବନାର କୌଣସି ବଳିଷ୍ଠ ଭିତ୍ତି ନାହିଁ । ଏହା କେତେ ଜଣ ବିଦ୍ୱାନଙ୍କ ଅନୁମାନ ପ୍ରସୂତ ସୁନ୍ଦର ପ୍ରସ୍ତାବନା ମାତ୍ର । ଏଥିରେ କଳ୍ପନାର ବର୍ଣ୍ଣନା ଅଛି ମାତ୍ର ସତ୍ୟର ଦୃଢ଼ ମଞ୍ଜି ନାହିଁ, କେବଳ ଖୋଳପାକୁ ଆଶ୍ରା

କରି ପଲ୍ଲବିତ ଏକ ମଲାଙ୍ଗର ଇତିବୃତ୍ତିକୁ ଗୋଟିଏ ଗଛର ଆତ୍ମକାହାଣୀ ବୋଲି କୁହାଯାଇଛି । ଆଜିର ପୃଷ୍ଠଭୂମିରେ ବିଚାର କଲେ ଆମେମାନେ ନିଜକୁ ନବ୍ୟ ସଭ୍ୟ ବା ସଂସ୍କୃତି ସମ୍ପନ୍ନ ବୋଲି ବିଚାରୁଅଛୁ, କିନ୍ତୁ ଆମେ ଆଜି ଯେପରି ଭାବରେ ଆସି ଯେଉଁଠି ପହିଞ୍ଚିଅଛୁ ତାହା କେଉଁ ସ୍ମରଣାତୀତ କାଳର ପରିବର୍ତ୍ତିତ ରୂପ । ତାହା କେତେ ଧାରାରେ ପ୍ରବାହିତ, କେତେ ବିଭାଗରେ ପ୍ରଭାବିତ, କେତେ ଛନ୍ଦରେ ନୃତ୍ୟାୟିତ ଓ କେତେ ଭଙ୍ଗୀରେ ପ୍ରକାଶିତ ହୋଇ ସଂସ୍କୃତିର ବାର୍ତ୍ତାବହ ସାଜି ଏଇଠାରେ, ଏଇ ପର୍ଯ୍ୟନ୍ତ ପହଞ୍ଚି ପାରିଛି । ଆଗକୁ କ'ଣ ଓ କିପରି ରୂପ ପରି ଗ୍ରହଣ କରିବ ତାହା ଚିନ୍ତାର ଅତୀତ ନିଶ୍ଚୟ । ଏଇଠି ଗୋଟିଏ କଥା ବିଚାରକୁ ନିଆଯାଇପାରେ । "ସାନ୍ତାଳୀ ଭାଷାରେ ସବୁ ସାନ୍ତାଳ କଥା ହୁଅନ୍ତି ଅର୍ଥାତ ସାନ୍ତାଳମାନେ ସାନ୍ତାଳ ଭାଷା କୁହନ୍ତି ଓ ବୁଝନ୍ତି । କିନ୍ତୁ 'ଅଲଚିକ୍' ଲିପିକୁ ସବୁ ସାନ୍ତାଳ ଚିହ୍ନନ୍ତି ନାହିଁ କି ପଢ଼ିପାରନ୍ତି ନାହିଁ ।"(୮) ସାନ୍ତାଳୀ ଭାଷା ଅପେକ୍ଷା ଅଲଚିକ୍ ଲିପି ଖୁବ ଅର୍ବାଚୀନ, ପୁନଶ୍ଚ ଲିପି ଅପେକ୍ଷା ଭାଷା ଖୁବ ଗତିଶୀଳ । ଏହା ସବୁ ଭାଷା ଓ ଲିପିର ଏକ ସାମଗ୍ରିକ ସ୍ୱରୂପ । ଭାଷା ଖୁବ ସମ୍ବେଦନଶୀଳ ଓ ପ୍ରଭାବିତ ବା ପ୍ରକ୍ଷେପ ହେବା ସ୍ୱାଭାବିକ କାରଣ ଅନ୍ୟ ଭାଷାଭାଷୀଙ୍କ ସହିତ ସମନ୍ୱୟ, ଭାଷା ଉପରେ ଶୀଘ୍ର ପ୍ରଭାବ ବିସ୍ତାର କରେ, ଯାହା ଲିପିଠାରେ ସହଜରେ ପରିଲକ୍ଷିତ ହୁଏ ନାହିଁ । "ଯେଉଁ ଜାତି ବା ଗୋଷ୍ଠୀ ଅନ୍ୟଜାତି ବା ଗୋଷ୍ଠୀ ସହ ଯେତେ ଅଧିକ ସମ୍ବନ୍ଧ ରକ୍ଷା କରେ, ଯେତେ ଅଧିକ ସମ୍ମିଳିତ ହୁଏ ଓ ଭାବର ଆଦାନ ପ୍ରଦାନରେ ସମନ୍ୱୟ ସାଧିତ ହୁଏ ସେ ଜାତିର ଭାଷା ସେତେ ଅଧିକ ଅନୁକରଣ ପ୍ରିୟ ହେବା ସ୍ୱାଭାବିକ ଓ ଭାଷା ଅନ୍ୟ ଭାଷାଠୁ ବେଶ୍ କିଛି ଆହରଣ କରି ନିଜକୁ ପୁଷ୍ଟ କରେ ।"(୯) ଉଦାହରଣତଃ ଦେଖାଯାଏ କନ୍ଧମାନେ ବେଶୀ ଓଡ଼ିଶା ସଂସ୍କୃତି ସହ ଜଡ଼ିତ ତେଣୁ ତାଙ୍କ ଭାଷା ମଧ୍ୟ ଓଡ଼ିଆ ଭାଷା ଦ୍ୱାରା ପ୍ରଭାବିତ । ଏପରିକି କନ୍ଧମାନଙ୍କ କଥିତ ଭାଷାକୁ କେତେକ ଭାଷା ବିଶ୍ଳେଷକ ଓଡ଼ିଆ ଭାଷାର ବିଭାଷା ଭାବେ ବିବେଚିତ କରନ୍ତି, କିନ୍ତୁ କୋରାପୁଟ ଓ ଫୁଲବାଣୀରେ ଭାଷା କ୍ଷେତ୍ରରେ କନ୍ଧମାନେ ବେଶ ରକ୍ଷଣଶୀଳ । କାରଣ ସେମାନେ ଅପେକ୍ଷାକୃତ ଅନ୍ୟ ଅଞ୍ଚଳର କନ୍ଧମାନଙ୍କ ଠାରୁ ଅଧିକ ପାର୍ବତ୍ୟାଞ୍ଚଳ ଓ ଘଞ୍ଚ ଅରଣ୍ୟାନୀର ବାସିନ୍ଦା ଅଟନ୍ତି । ସେମାନେ ନିଚ୍ଛକ 'କୁଇ' ଭାଷା ହିଁ ବ୍ୟବହାର କରନ୍ତି । ସେମାନଙ୍କ ବାସସ୍ଥାନ ଅନ୍ୟମାନଙ୍କ ଦ୍ୱାରା ଅଧୁଷିତ ନୁହେଁ କି ସେମାନଙ୍କର ଚାଲିଚଳନ, ରୀତିନୀତି ଉପରେ ଅନ୍ୟ ଜାତିର ପ୍ରଭାବ ସେତେ ପଡ଼ିପାରିନାହିଁ । ଏହି ଉଦାହରଣ ମାଧ୍ୟମରେ ଏହା ସୂଚୀତ କରାଯାଇପାରେ କି ହଜାର ହଜାର ବର୍ଷର ପାରସ୍ପରିକ ସହାବସ୍ଥାନ ଓ ଭାବର ଆଦାନ ପ୍ରଦାନ ତଥା ସାଂସ୍କୃତିକ ସମନ୍ୱୟ ଘଟି ଆମେ ଆଦିବାସୀମାନେ ଆଜି ଏଇଠି ପହଞ୍ଚିଛନ୍ତି ଓ ଯେଉଁମାନଙ୍କ କ୍ଷେତ୍ରରେ ସେପରି ଘଟିପାରିନାହିଁ ସେମାନେ ଆଜି ରହିଛନ୍ତି ଅନୁସୂଚୀତ ତାଲିକାରେ; ସେମାନଙ୍କୁ ଆମେ କହୁଛୁ ଆଦିବାସୀ ଓ ନିଜେ ନିଜକୁ ପ୍ରତିଷ୍ଠିତ କରୁଛୁ ଆର୍ଯ୍ୟ ବୋଲି କିନ୍ତୁ ସେମାନେ ଓ ଆମର ପୂର୍ବଜମାନେ, ସମସ୍ତଙ୍କର ଆଦି ବାସସ୍ଥାନ ଥିଲା ବନଭୂମି ଓ ଆମେ ସମସ୍ତେ ବନବାସୀମାନେ ବିଭିନ୍ନ ଗୋଷ୍ଠୀ ଓ ଜାତିର ଉତ୍ତର ପୁରୁଷ ଭାବରେ ଆଜି ଏକବିଂଶ ଶତାବ୍ଦୀର ଏହି ପାହାଚମାନଙ୍କରେ ପହଞ୍ଚିଛୁ  ସଂସ୍କୃତିର ବାଇଶିପାହାଚ ଚଢ଼ି ଚଢ଼ି । ଆମ ସମସ୍ତଙ୍କର ମୂଳ ଅଛି, ଡାଳ ମେଲିଛି ଓ ଫୁଲଫଳ ଧରି ଜାତିର ସୁନ୍ଦର ସୁନ୍ଦର ବୃକ୍ଷଲତାମାନେ ସଂସାର ଉପବନକୁ ସୁଶୋଭିତ କରିଛି ସଂସ୍କୃତିର ମହକରେ ମହକିତ କରି କରି । ଆମେ ଥିଲୁ କଳିଙ୍ଗ ଜାତି, ଆମକୁ ସାହସିକ ବୋଲି କହୁଥିଲା ପୁରାଣ । ଆମେ ଥିଲୁ କେବେ ଉତ୍କଳୀୟ ବା ଉତ୍କଳ ଜାତି, କେବେ ଥିଲୁ ଉଡ୍ର ବା ଓଡ଼ କିନ୍ତୁ ଆଜି ସମସ୍ତେ ଅଛୁ ଓଡ଼ିଆ ହୋଇ । ୩୧୪ଟି ବ୍ଲକ ବା

ମଣ୍ଡଳରେ ପ୍ରଶାସନିକ ସୁବିଧା ଦୃଷ୍ଟିରୁ ବିଭକ୍ତ ଆମ ପ୍ରଦେଶରେ ୧୧୮ ଟି ବ୍ଲକ ଅନୁସୂଚୀତ ବର୍ଗଙ୍କ ପାଇଁ ସଂରକ୍ଷିତ ।

ସମଗ୍ର ଜନସଂଖ୍ୟାର ୨୫ ଶତାଂଶ ଆଦିବାସୀ ଓ ୨୨ ଶତାଂଶ ଅନୁସୂଚୀତ ଜାତି ଅଟନ୍ତି । ମୋଟାମୋଟି ଭାବେ ଅଧା ଲୋକ ଅନୁସୂଚୀତରେ ସ୍ଥାନିତ । ଏହି ପରିସଂଖ୍ୟାନ ଜଣାଇଛି ଯେ ସାମାଜିକ ଓ ଅର୍ଥନୈତିକ ବୈଷମ୍ୟତା ଏହାର ମୁଖ୍ୟ ଆଧାର । ଅନୁସୂଚୀତ ଜାତି ଓ ଜନଜାତିର ବ୍ୟକ୍ତିମାନେ ଅନ୍ୟମାନଙ୍କ ସହିତ ସମକକ୍ଷ ହେବା ପାଇଁ ଆହୁରି ଅଧିକ ସ୍ୱଚ୍ଛଳ ଓ ଶିକ୍ଷିତ ହେବା ଦରକାର । କିନ୍ତୁ ସଂସ୍କୃତି ସମ୍ବନ୍ଧରେ ଅନୁସୂଚୀ ଏବେ ମଧ୍ୟ ନୀରବ । କାରଣ ସଂସ୍କୃତିକୁ ମାପିବାର ମାନଦଣ୍ଡ ପ୍ରଶାସନ ପାଖରେ ନାହିଁ କି ପ୍ରଶାସନ ଏ ଦିଗରେ କୌଣସି ଜାତି କି ଗୋଷ୍ଠୀର ସାଂସ୍କୃତିକ ବିଭବକୁ ତଉଲିବାର ଅବକାଶ ମଧ୍ୟ ନାହିଁ । ସଂସ୍କୃତି ଏକ ପ୍ରବହମାନ ଧାରା ଓ ଏହା ପ୍ରତ୍ୟେକ ଜାତି ଓ ଗୋଷ୍ଠୀର ଆତ୍ମିକ ସୌନ୍ଦର୍ଯ୍ୟର ଗନ୍ତାଘର ଅଟେ । ସଂସ୍କୃତିକୁ ନେଇ ବିଚାରିଲେ ପ୍ରତ୍ୟେକ ଜାତି କି ଗୋଷ୍ଠୀ ଏକୁ ଆରେକ ମହୀୟାନ । ସମସ୍ତଙ୍କର ସ୍ୱତନ୍ତ୍ର ସାଂସ୍କୃତିକ ପରିଚିତି ଓ ବୈଚିତ୍ର୍ୟ ବେଶ ଜୀବନାନୁମୋଦିତ ପୁଷ୍ଟ ଓ ଅଭିନନ୍ଦିତ ମଧ୍ୟ । ପୁନଶ୍ଚ ଓଡ଼ିଶାର ସାଂସ୍କୃତିକ ବୈଭବ ଆରଣ୍ୟକ/ଆଦିବାସୀ/ଶବର ସଂସ୍କୃତି ଦ୍ୱାରା ହିଁ ନିର୍ଜିତ ଓ ମହିମାନ୍ୱିତ ।

ସମୟ ସହିତ ସାନ୍ତାଳମାନେ ନୂତନତାକୁ ଗ୍ରହଣ କରିଥିଲେ ମଧ୍ୟ ପାରମ୍ପରିକ ରୀତିରେ ବିଭିନ୍ନ ସଂସ୍କାର କାର୍ଯ୍ୟ ଏବଂ ପର୍ବପର୍ବାଣିରେ ସ୍ୱକୀୟତାକୁ ଜାହିର କରନ୍ତି । ସଂକ୍ଷେପରେ ସାନ୍ତାଳ ଜନଜାତିର ମୁଖ୍ୟ ସଂସ୍କୃତି ହେଉଛି :

## ପୂଜାର୍ଚ୍ଚନା:

"ସାନ୍ତାଳମାନେ ଅତିମାତ୍ରାରେ ଆଧ୍ୟାତ୍ମବାଦୀ । ସେମାନଙ୍କ ବିଶ୍ୱାସ ଅନୁସାରେ 'ମାରାଂବୁରୁ'ଙ୍କ ଇଙ୍ଗିତରେ ଋତୁଚକ୍ରଠାରୁ ଆରମ୍ଭକରି ଜନ୍ମ, ମୃତ୍ୟୁ ଓ ଅନ୍ୟ ସମସ୍ତ ପ୍ରକାରର ଜାଗତିକ ଘଟଣା ଘଟେ । ତେଣୁ ଭଲ ବୃଷ୍ଟି, ଭଲ ଫସଲ, ନିରୋଗ ଜୀବନଯାପନ ପାଇଁ ତାଙ୍କୁ ସନ୍ତୁଷ୍ଟ କରି ରଖିବା ନିତାନ୍ତ ଆବଶ୍ୟକ । ସର୍ବମୟ କର୍ତ୍ତା 'ମାରାଂବୁରୁ'ଙ୍କ ବ୍ୟତୀତ ସାନ୍ତାଳ ମାନଙ୍କର ତିନିସ୍ତରରେ ଦେବତା ରହିଛନ୍ତି । ଗ୍ରାମ, ଗୃହ ଓ ବ୍ୟକ୍ତିଗତ ଉପାସନା ନେଇ ସେମାନେ ଭିନ୍ନ ଭିନ୍ନ । ଗ୍ରାମ୍ୟ ଦେବତା ମଧ୍ୟରେ ପ୍ରମୁଖ ହେଉଛନ୍ତି 'ମାରାଂବୁରୁ', 'ଜାହେର୍ ଏରା', 'ମଣେକ ତୁରୁୟକ', 'ଗସାୟଁଏରା', 'ସୀମାସାଳେ', 'ରଙ୍ଗବୁଢ଼ୀ' ପ୍ରଭୃତି ।"

ଏଠାରେ ଉଲ୍ଲେଖଯୋଗ୍ୟ ସାନ୍ତାଳ ପୂଜାପାଠରେ କୌଣସି ପର୍ଯ୍ୟାୟରେ ବ୍ରାହ୍ମଣ ଲୋଡ଼ାଯାଇ ନ ଥାଏ । ବରଂ ଗ୍ରାମ୍ୟ ଦେବଦେବୀପାଇଁ ନାଏକେ ପୂଜାକାମ କରୁଥିବା ସ୍ଥଳେ ଗୃହଦେବତା ଓ ପିତୃପୁରୁଷ ମାନଙ୍କ ପାଇଁ ହେଉଥିବା ପୂଜାକାମ କୁଟୁମ୍ବର ମୁଖ୍ୟ କରିଥାଏ ।

## ପର୍ବପର୍ବାଣି:

ସାନ୍ତାଳ ମାନେ 'ଏରଃସିମ', ବେଉଷଣ ବେଳେ ପର୍ଯ୍ୟାୟକ୍ରମେ 'ହାରିୟାଲ୍ ସିମ' ଓ 'ଗମ୍ହା', ଅମଳକ୍ଷମ ହେଲାବେଳକୁ 'ଜାନ୍ତାଲ୍', 'କାରାମ୍' ଓ 'ସହରାୟ', ଫସଲ ଉଦ୍‌ଯାପନୀ ଉତ୍ସବ 'ସାକ୍ରାତ୍', ପ୍ରକୃତିରାଣୀ ଫୁଲ ସମ୍ଭାର ନେଇ ଆସିଲା ବେଳେ 'ବାହାପାରାବ୍'କୁ ସେ ଅତି ଆଡ଼ମ୍ବର ସହକାରେ ପାଳନ କରେ । ଯେହେତୁ ତନ୍ତ୍ରପୂଜା ସାନ୍ତାଳ ମାନଙ୍କଠାରେ ବହୁଳ ଭାବରେ ଦେଖାଯାଏ, ସେହି ହେତୁରୁ ରଜସଂକ୍ରାନ୍ତି ଓ ଦଶହରାକୁ ତନ୍ତ୍ରପୂଜାର ଉଦ୍‌ଘାଟନୀ ଓ

ଉଦ୍‌ଯାପନୀ ଉତ୍ସବରୂପେ ପାଳନ କରାଯାଏ । ଦଶହରା ଅବସରରେ 'ଦାସାୟଁ' ନୃତ୍ୟ ତାନ୍ତ୍ରୀକ ସାଧନାର ଅଙ୍ଗ ଭାବରେ ପାଳିତ ହେଉଥିବାରୁ ସେଥିରେ ଲାଭ ବା କଖାରୁ ନିର୍ମିତ ବାଦ୍ୟ ମୁଖ୍ୟ ହୁଏ । ତେଣୁ ଯେକୌଣସି ପର୍ବପର୍ବାଣି ତାଙ୍କ ପାଇଁ ସାମାଜିକ ମାନ ମର୍ଯ୍ୟାଦାର ଅଙ୍ଗ ବିଶେଷ ଅଟେ ।

## ବିବାହ:

ସାନ୍ତାଳ ଜନଜାତିର ପାରମ୍ପରିକ ବିବାହଟି ହେଲା 'ଦଲ୍‌ବାପ୍ଲା', ଯାହା ଉଭୟ ଗ୍ରାମମୁଖ୍ୟର ଉପସ୍ଥିତିରେ ସମ୍ପାଦିତ ହୁଏ । ଏଥିପାଇଁ ଏକ ମଧ୍ୟସ୍ଥି 'ରାୟ୍‌ବାର୍' ନିଯୁକ୍ତ ହୁଏ । ଉଭୟ ବରପକ୍ଷ ଓ କନ୍ୟାପକ୍ଷର ସେ ମଧ୍ୟସ୍ଥତ କରେ । ଏହି 'ଦଲ୍' ଶବ୍ଦଟି ବାଉଁଶ ନିର୍ମିତ ଡ଼ାଲା ବା 'ଦାଉଳା'କୁ ବୁଝାଏ । ଦାଉଳାରେ ବସି ଏକ ଅଭିଆଡ଼ି କନ୍ୟା ମଥାରେ ସିନ୍ଦୂର ଲାଭକରି ଦାମ୍ପତ୍ୟ ଜୀବନ ବିତାଇବାର ଏହା ଏକ ପରମ୍ପରା । ଅନ୍ୟ ବିବାହଟି ହେଲା 'ବାପ୍ଲାସାଓ୍ୱଁହା' ।"

ସାନ୍ତାଳ ବିବାହରେ କେବଳ ବରକନ୍ୟା ମିଳିତ ହୁଅନ୍ତି ନାହିଁ, ବରଂ ଉଭୟ ଗ୍ରାମ ମଧ୍ୟରେ ବନ୍ଧୁତା ସ୍ଥାପିତ ହୁଏ । ସ୍ୱଗୋତ୍ରକୁ ଛାଡି ସମସ୍ତଙ୍କ ପାଇଁ ବରହୁଏ କନ୍ୟା ଗାଆଁର ଯୋଇଁ ଏବଂ କନ୍ୟା ବରଗାଆଁର ବୋହୂ ।

## ଜନ୍ମମୃତ୍ୟୁ:

ଜନ୍ମ ଓ ମୃତ୍ୟୁ ଜୀବନରେ ଦୁଇଟି ବୃତ୍ତ ସଦୃଶ । ଉଭୟଟି ସାନ୍ତାଳ ଆଧ୍ୟାତ୍ମିକ ପରିବେଶ ପାଇଁ ଅଶୁଦ୍ଧ । ତେଣୁ ଗୃହକର୍ତ୍ତା ସଂସ୍କାର କାର୍ଯ୍ୟ ଗ୍ରାମବାସୀଙ୍କ ସହାୟତାରେ କରିଥାଏ । ସେ ଏହା ନ କଲା ପର୍ଯ୍ୟନ୍ତ ଗ୍ରାମରେ କୌଣସି ପ୍ରକାରର ମାଙ୍ଗଳିକ କାର୍ଯ୍ୟ ହୋଇପାରେ ନାହିଁ । ବିଧିମୁତାବକ କେଉଁଟି କେତେ ଦିନରେ ହେବ ତାହା ଗ୍ରାମବାସୀ ଆଗରୁ ଧାର୍ଯ୍ୟ କରିଥାଆନ୍ତି । ତେଣୁ ଗୃହକର୍ତ୍ତା ଯଥାଶୀଘ୍ର ସେସବୁ ଯୋଗାଡ଼ କରି ଜନ୍ମ ହୋଇଥିବା କ୍ଷେତ୍ରରେ ଏକୋଇଶିୟା ବା 'ଛୁତ ଛାଟ୍‌ୟାର୍' ଏବଂ ମୃତ୍ୟୁ କ୍ଷେତ୍ରରେ 'ଭାଣ୍ଡାନ', 'ଜିଲି ଡ଼ାହାର' କାମ ସବୁ କରେ । ବେଳେ ବେଳେ ଏକୋଇଶିଆ ବା ଶୁଦ୍ଧିକ୍ରିୟା କାର୍ଯ୍ୟ ଆର୍ଥିକସ୍ଥିତି ଠିକ୍ ନ ଥିବା କ୍ଷେତ୍ରରେ ବିଳମ୍ବରେ କରାଯାଏ । ସେଭଳି ପରିସ୍ଥିତିରେ ତା'ପାଇଁ ଅଲଗା ବ୍ୟବସ୍ଥାମାନ ରହିଛି । ଯେପରି "ଛୁତ୍ ଫେଲାଓ' ଓ 'ତେଲ୍ ନାହାନ୍' । ଏହା ପରିବାର ପାଇଁ କେବଳ କାମଚଳା ବ୍ୟବସ୍ଥା ହେଲେ ମଧ୍ୟ ଗ୍ରାମର କୌଣସି କ୍ରିୟାରେ ବାଧକ ହୁଏନାହିଁ ।

ଆଦିବାସୀ ସମାଜ ଓ ଅନ୍ୟାନ୍ୟ ବର୍ଗଙ୍କ ମଧ୍ୟରେ ତାରତମ୍ୟକୁ ଆଧାର କରି କାହାକୁ ସଭ୍ୟ କି କାହାକୁ ଅନୁନ୍ନତ ବିଚାରିବା କେବଳ ଏକ ନିରର୍ଥକ ବିଳାସ । ସମାଜର ସକଳ ବର୍ଗ ଅନୁକରଣ ପ୍ରବଣ । ସେ ଅନୁକରଣ ପ୍ରବୃତି କେବେ ପୂର୍ବ ପୁରୁଷଙ୍କ ପ୍ରତି ଉଦ୍ଦିଷ୍ଟ ହୋଇ ପ୍ରଥା ସର୍ବସ୍ୱ ତ କେବେ ସୃଜନଶୀଳ ଅନୁରାଗୀ ହୋଇ ଗତିଶୀଳ ହୋଇଥାଏ । ଗତିଶୀଳତା ଏକ ସାଂସ୍କୃତିକ ଆବଶ୍ୟକତା ହେଲେ ମଧ ତାହା ଯଦି ପ୍ରାକୃତିକ ପ୍ରତିବନ୍ଧକ ଦୃଷ୍ଟିରୁ ବାଧାପ୍ରାପ୍ତ ହୁଏ ତାହା ସ୍ଥିତି ସ୍ଥାପକତା ହରାଇବା ସ୍ୱାଭାବିକ । ପୁନଶ୍ଚ ଏକ ବର୍ଦ୍ଧିଷ୍ଣୁ ସମାଜରେ ସଂଘାତ ଯେଉଁ ପ୍ରତିକ୍ରିୟା ପ୍ରକାଶ କରେ ତାହା ମଧ ଭାବ ସଗାରରେ ଅନ୍ୟତମ କାରଣ ହୋଇଥାଏ । "ପ୍ରାକୃତିକ ମୌଳିକ ପରିବେଶରେ ସର୍ବଦା ଜୀବନଧାରଣ ସହଜ ନ ହେବାରୁ ଏକ ନୂତନ ଗୌଣ ପରିବେଶ ସୃଷ୍ଟି ପାଇଁ ମନୁଷ୍ୟ ଅହରହ ଉଦ୍ୟମ କରିଆସିଛି । ପ୍ରକୃତିରୁ ଖାଦ୍ୟ ସଂଗ୍ରହ ସହଜ ଓ ସୁଗମ ନ ହେବାରୁ କୃଷି ପରି ଗୌଣ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅରଣ୍ୟବାସୀ ମାଟିକୁ ତାଡ଼ି ବିଦାରି (କମଣ କରି) ଚାଷକୁ ବଞ୍ଚିବାର

ଏକ ନୂଆ ରାହା ଭାବରେ ଗ୍ରହଣ କରି ନେଇଛି ।"(୧୦) ତା ପରେ ଅରଣ୍ୟବାସୀର ଅବତରଣ ହୋଇଛି । ସମତଳ ଅଞ୍ଚଳକୁ । ଏହା ମଧ୍ୟ ଏକ ନୃତାତ୍ତ୍ୱିକ ସତ୍ୟ, ଯେଉଁ ସତ୍ୟ ଆଧାରରେ ସଭ୍ୟତାର ପାହାଡ଼ ଚଢ଼ି ଏବର ମଣିଷ ଶିଖର ମୁହାଁ ।

ଓଡ଼ିଶାରେ ପ୍ରାୟ ୬୨ ପ୍ରକାର ସମ୍ପ୍ରଦାୟ ବା ଗୋଷ୍ଠୀକୁ ଆମେ ଆଦିବାସୀ ବୋଲି କହୁଛୁ । ଯେଉଁମାନେ ସେମାନଙ୍କର ଆଦିମ ଭାଷା, ଆଦିମ ବିଚାର (କୁଳାଚାର), ରୀତି, ନୀତି ଓ ଧର୍ମ ଆଦର୍ଶକୁ ନେଇ ଚଳୁଛନ୍ତି । ଅନେକ ଗୋଷ୍ଠୀଙ୍କର ବିଲୁପ୍ତି ଘଟିଲାଣି, ଅଚାନକ ନୂତନ ଗୋଷ୍ଠୀର ଅଭ୍ୟୁଦୟ ଘଟି ଆଦିବାସୀ ସମାଜ ଏବେ ସଭ୍ୟତାମୁହାଁ । ଶିକ୍ଷା, ଦୀକ୍ଷା ଓ ଜୀବନ ଶୈଳୀରେ ଦ୍ରୁତ ପରିବର୍ତ୍ତନ ହେଉଥିଲେ ମଧ୍ୟ ଆଜି ବି ଆଦିବାସୀ ସମାଜ ଧର୍ମାନ୍ଧତାରୁ ମୁକୁଳି ପାରିନାହିଁ, ରକ୍ଷଣଶୀଳ ମନୋବୃତ୍ତିକୁ ପରିହାର କରିପାରିନାହିଁ କି ସାମାଜିକ ବନ୍ଧନକୁ ଏଡି ଦେଇ ପାରିନାହିଁ । ବିଭିନ୍ନ ଗୋଷ୍ଠୀ ଭୁକ୍ତ ହେଲେ ମଧ୍ୟ ଜୀବନ ଯାପନ ପ୍ରଣାଳୀର ଆଧାରରେ ଏକ ବୃହତ୍ତର ଗୋଷ୍ଠୀ ପରି ବସବାସ କରି ଆସୁଛି । ଅଶିକ୍ଷା ଭରି ରହିଥିଲେ ବି ଆଦିବାସୀର ମନ କବି-ସୁଲଭ କଳ୍ପନା ବିଳାସୀ ଓ ଭାବ ପ୍ରବଣ । ଅପପୁଷ୍ଟିର ଶିକାର ହେଲେ ମଧ୍ୟ ପର୍ବପର୍ବାଣୀରେ ହାତ ଖୋଲି ଖର୍ଚ୍ଚ କରିବାର ମାନସିକତା ଊଣାପଡ଼େ ନାହିଁ । ତାର ହସ, କାନ୍ଦ, ସୁଖ, ଦୁଃଖ ସବୁଥିରେ ପ୍ରିୟ ପରିଜନଙ୍କୁ ନେଇ କାଳକାଟିବାର ଏକାନ୍ତ ଅଭୀପସା ରୂପ ପାଏ ପର୍ବପର୍ବାଣୀ ବିବାହ ଓ ନୃତ୍ୟ ଗୀତରେ । ଯାହା ମିଳିଛି, ଯାହା ସହଜ ଲଭ୍ୟ ତାକୁ ନେଇ (ବନଜାତ ପଦାର୍ଥରେ ବେଶଭୂଷା, ଖାଦ୍ୟ ଓ ପାନୀୟ) ଅବସର ବିନୋଦନ କରିଛି ତ ଦୁଃଖ ଯନ୍ତ୍ରଣାରୁ ଉବୁରି ଯିବାର ପ୍ରଚେଷ୍ଟା କରିଛି ସରଳ ବନବାସୀ । "ବନସ୍ତରେ ଆହାର, ବିହାର, ବନଜାତ ଦ୍ରବ୍ୟରେ ବେଶ ଭୂଷା ଓ ପ୍ରସାଧନ । ବନରୁ ସଂଗ୍ରହ କରିଥିବା ଚିକ୍‌କଣ ଶିଳାଖଣ୍ଡକୁ ଦିଅଁ କରି ପୂଜା କରିବା; ପ୍ରକୃତି ଦତ୍ତ ପଦାର୍ଥରେ ନିର୍ମିତ ବଡ଼ବାଜା, ଢ଼ୋଲ, ମାଦଳ, ଘୁମୁରା, ନାଗରା, ଚାଙ୍ଗୁ, ଏକତାରା, ବଇଁଶୀ, ସିଙ୍ଗା, ତୁରୀ ବାଜାର ତାଳେ ତାଳେ ହାତରେ ହାତ, ବାହୁରେ ବାହୁ ମିଳାଇ କେବେ ଧାଡ଼ିରେ ତ କେବେ ବୃତ୍ତାକାରରେ ଅଙ୍ଗଢ଼ାଳି ନାଚି ନାଚି ଠାକୁର ଠାକୁରାଣୀଙ୍କୁ ତୋଷ କରିବା ସହିତ ଉତ୍ସବ ମନାଏ ସରଳମନା ଆଦିବାସୀ । ମାଟି ମାଆର ଉପାସନାରେ ସେ ମସଗୁଲ । ଜଳ ପବନ, ନିଆଁ, ଗଛ, ନଦୀ, ଝରଣା ଭଳି ପ୍ରାକୃତିକ ଉତ୍ସର ସେ ପୂଜାରୀ । ପ୍ରକୃତିକୁ ପୂଜେ ପ୍ରକୃତିର ମୁକ୍ତ ଅଗଣାରେ ।"(୧୧)

ପଥର ଖୋଲ, ଗଛ ଡାଳରେ ମଞ୍ଚା ବାନ୍ଧି ଜୀବନ ଜୀଉଁଥିବା ଆଦିମାନବ ଆଜି ବଣ ମୂଳକରେ ହେଉ କି ସମତଳରେ ଏବେ ନୁଆଁଣିଆ ଚାଳ ଛପର ଘରେ ଆଶ୍ରୟ ନେଉଛି । କେବେ ବଣରୁ ତୋଳି ଆଣୁଥିବା ଢ଼ାଲିଆ ପତ୍ର ସିଇଁ ଲଜ୍ଜା ଲୁଚାଉଥିବା ପ୍ରକୃତିର ସନ୍ତାନ ଏବେ ଅଣଓସାରିଆ ଖଦି ପିନ୍ଧି, ମୁଣ୍ଡରେ ଦିହରେ ଜଡ଼ା ତେଲ ଟୋପାଏ ମାଖି କଲରେଇ ଫୁଲ ଖୋସା ପାରି ସେମିତି ଭାତ, ପେଜ, ମାଣ୍ଡିଆ ଜାଉ ଖାଇ ହାଣ୍ଡିଆ ପିଇ ଗୋଷ୍ଠୀ କରି ରହୁଛି । ବଣଜଙ୍ଗଲରୁ ଫଳମୂଳ ସଂଗ୍ରହ ଓ ଶିକାର କରି ପେଟ ପୋଷୁଥିବା ଗିରିଜନ ଏବେ ପିଲା କବଲା ଧରି କେଉଁଠି ଖଣି ଖାଦାନରେ 'ରେଜା' ହୋଇ କାମ କରୁଛି ତ; କେଉଁଠି ଇଟା ଭାଟିରେ ଓ ଆଉ କୋଉଁଠି ରାଜମିସ୍ତ୍ରୀ ସାଙ୍ଗରେ ବାଲି ସିମେଣ୍ଟ ଘାଣ୍ଟୁଛି ଦିନ ମଜୁରି ଖଟି । କେଉଁ ଆଦିବାସୀ ଦମ୍ପତ୍ତି କାଠ କାଟି ଗୋଛା କରି ମୁଣ୍ଡାଇ ବାବୁମାନଙ୍କୁ ବିକ୍ରି କରି ଗୁଜୁରାଣ ମେଣ୍ଟାଉଥିବାବେଳେ ଆଉ କିଏ କିଏ ମହୁଲ, ଝୁଣା, ଶାଳପତ୍ର ସିଇଁ ବିକିବାରେ ବ୍ୟସ୍ତ । ବଣରୁ ମହୁ, ମୟୂର ଚନ୍ଦ୍ରିକା, ଚଢ଼େଇ, ରଙ୍ଗୀନ ପର,

ବନଜାତ ଔଷଧ, କୋଳି ଆଦି ସଂଗ୍ରହ କରି ବୁଲା ବିକାଳି ସାଜୁଥିବା ଆଦିବାସୀଙ୍କ ସଂଖ୍ୟା ଏବେ ମଧ୍ୟ ଆଗ ପରି ଅଛି । ଏବେ ବି ଆଦିବାସୀଟିଏ ତାର ସୁଗଠିତ ଅଙ୍ଗ ସୌଷ୍ଟବ ଅନାବୃତ୍ତ ଶରୀର, ସ୍ୱଚ୍ଛ ପରିଧେୟ ଓ ଅକୃତ୍ରିମ ଚାହାଣୀ ଯୋଗୀଜନ ସୁଲଭ ରୂପ କାନ୍ତିଯୋଗୁଁ ବିଭୂତି ଭୂଷଣ ମହାଦେବଙ୍କ ପରି ପ୍ରତୀୟମାନ ହେଉଥିବାବେଳେ । ପ୍ରାକୃତିକ ସୁନ୍ଦର ଶୋଭାରେ ଗରାବିଣୀ ଆଦିବାସୀ ରମଣୀଟିଏ ତେଲ ଜରଜର ମୁହଁ, ହଳଦୀମଖାଦେହ, କଜ୍ଜ୍ୱଳର ବହଳ ଗାର ଆଖିରେ ଟାଣି ନିରୁତା ହସ ହସ ମୁହଁରେ ବଣଫୁଲଟିଏ ଖୋସାରେ ଖୋସିଦେଲେ ବନଦେବୀ ପାର୍ବତୀ ପରି ଝଲସି ଉଠିବା ସତରେ ଅନନ୍ୟ ଓ ଅସାଧାରଣ ।

ଓଡ଼ିଶାର ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ଲୋକସଂଖ୍ୟାକୁ ନେଇ ଯଦି ବର୍ଗୀକରଣ କରାଯାଇ ବୃହତ, ମଧ୍ୟମ ଓ କ୍ଷୁଦ୍ର ଏପରି ତିନି ଭାଗରେ ବିଭକ୍ତ କରାଯାଏ ତେବେ ସାନ୍ତାଳମାନେ ପ୍ରଥମ ବର୍ଗରେ ସ୍ଥାନିତ ହେବେ । ଭୂୟାଁ, ବାଥୁଡ଼ି, ଭୋତଡ଼ା, ଭୂମିଜ, ଗଣ୍ଡ, ଖଡ଼ିଆ, କନ୍ଧ, କୋହ୍ଲ, କିସାନ, ମୁଣ୍ଡା, ଓରାଓଁ, ପରଜା, ଲୋଧା ଓ ସଉରାଙ୍କ ସମ୍ପ୍ରଦାୟ ସାଙ୍ଗରେ ସାନ୍ତାଳୀମାନେ ନିଶ୍ଚୟ ଏହି ବର୍ଗରେ ରହିବେ । ଏହି ବର୍ଗର ପ୍ରତ୍ୟେକଙ୍କ ସଂଖ୍ୟା ନିଶ୍ଚୟ ଲକ୍ଷାଧିକ । ସାନ୍ତାଳୀମାନେ ଅଷ୍ଟ୍ରିକ ଭାଷା ଗୋଷ୍ଠୀର ବୋଲି ଭାଷାବିତ ପଣ୍ଡିତମାନଙ୍କର ମତ । ସାକ୍ଷରତା ହାର ହିସାବକୁ ନେଲେ ସାନ୍ତାଳମାନେ ଓଡ଼ିଶାରେ ଗଣ୍ଡମାନଙ୍କ ପରେ ନିଶ୍ଚୟ ଦ୍ୱିତୀୟ ସ୍ଥାନରେ ରହିବେ । ଶିକ୍ଷା କ୍ଷେତ୍ରରେ କିନ୍ତୁ ସାନ୍ତାଳମାନେ ରାଜ୍ୟରେ ପ୍ରଥମ ।

"ସାନ୍ତାଳୀମାନେ ଖୁବ କଳାପ୍ରେମୀ । ପ୍ରକୃତି କୋଳରେ ଜନ୍ମ ହୋଇ ପ୍ରକୃତି କୋଳରେ ବଢ଼ିଥିବା ଏହି ସରଳ ଜାତିର କଳାତ୍ମକ ରୁଚିର ତୁଳନା କଲେ ପ୍ରାଣ ଉଲ୍ଲସିତ ହୋଇଯାଏ । ଆଦିବାସୀମାନେ ହେଉଛନ୍ତି ଅମୃତର ସନ୍ତାନ । ବେଦରେ କୁହାଯାଇଛି । 'ଆନନ୍ଦାତ ଖଳୁ ଇମାନି ଭୂତାନି ଜାୟନ୍ତେ' ଅର୍ଥାତ ଜୀବନକୁ ଆନନ୍ଦମୟ କରିବାର କଳା ଏମାନେ ଜାଣନ୍ତି । ଜୀବନକୁ ସରଳ, ସୁନ୍ଦର ଓ ଉପଭୋଗ୍ୟ କରିବାରେ ଆଦିବାସୀ ହେଉଛନ୍ତି ବିଶ୍ୱରେ ସମସ୍ତ ତଥାକଥିତ ସମ୍ଭ୍ରାନ୍ତମାନଙ୍କ ଠାରୁ ଅନେକ ଉପରେ ।"(୧୨) ବନ ଗହନରେ ମୁକ୍ତ ବିହାର କରୁଥିବା ଆଦିବାସୀମାନେ ଦିଶନ୍ତି ଦେବ ଦେବତାଙ୍କ ପରି । ଯେମିତି ସୁନ୍ଦର, ସେମିତି ସରଳ; ସେମିତି ପ୍ରେମ ଜରଜର ଓ ସର୍ବସ୍ୱ ସମର୍ପି ଦେବାରେ ଦ୍ୱିଧାହୀନ ଭାବ ଯୋଗୁଁ ଏମାନଙ୍କର ପ୍ରତିଦ୍ୱନ୍ଦ୍ୱୀ ହୋଇ ଦ୍ୱିତୀୟ କେହି ନଥିଲା, ନାହିଁକି ଆଗକୁ ମଧ୍ୟ ସମ୍ଭାବନାର ଆଶା କରାଯାଇପାରିବ ନାହିଁ । ଏମାନଙ୍କ ଘର ଦେଖ ନୁଆଁଣିଆ ଚାଳ ଘର, କିନ୍ତୁ କାନ୍ଥ ଚିକ୍କଣ ହୋଇ ଲିପା ଯାଇ ଭଳିକି ଭଳି ରଙ୍ଗରେ ରଙ୍ଗେଇ ହୋଇଛି । ବେକକୁ ଚାହିଁ କି ସୁନ୍ଦର କାଠ ତିଆରି ବର୍ତ୍ତୁଳ ମାଳି ନାଇଛନ୍ତି ! ନିଜେ ତିଆରି କରି ନିଜେ ପିନ୍ଧିବାରେ ଏମାନେ ବଡ଼ ସଉକୀ । ନାଚ ଦେଖ-କି ସୁନ୍ଦର ? ଏ ବେଶ ପୋଷାକ ସବୁ ନିଜେ ପ୍ରସ୍ତୁତ କରିଛନ୍ତି ଏ କଳାତ୍ମକ ଜାତି । ସେମାନଙ୍କ ମନ ଆଙ୍ଗନ ବି କେମିତି ସ୍ୱଚ୍ଛ-ପ୍ରେମିକାପ୍ରେମିକକୁ ନିଜକୁ ସମର୍ପିତ କରୁଛି ନାନା ରଙ୍ଗରେ ରଙ୍ଗେଇ । ବାଗରେ ଖୋସ ପାରିଛି, ଧଳା, ହଳଦିଆ, ନାଲି ଫୁଲରେ ଗଭା ମଣ୍ଡିଛି, ଦିହରେ ଚିତା କୁଟାଇ ବେଶବାସକୁ ଆକର୍ଷଣୀୟ କରିଛି ଠିକ ଫଗୁଣ ମାସରେ ଆମ୍ବ ଗଛ ବଉଳିଲା ପରି । ତା ଦେହରେ ସୁବାସ ମନରେ ସୁବାସ ଓ ମୁହଁରେ ମନମତାଣିଆ ସଙ୍ଗୀତର ଲହର । "କାଚ, କାଇଁଚ ମାଳି ନାଇଁ, ଫୁଙ୍ଗୁଳା ଦିହକୁ ଲୁଗା ଗୁଡ଼ାଇ ନିଜ ମୁଗୁନି ପଥରରେ ଖୋଳା ରମଣୀୟ ମୂର୍ତ୍ତି ପରି

ସୁନ୍ଦର ଶରୀରକୁ କଳାତ୍ମକ ଶୈଳୀରେ ସଜାଇ ପ୍ରେମିକ ମନରେ କାମନାର ନିଆଁ ଜାଳି ପତଙ୍ଗ ପରିସେଇ ନିଆଁରେ ଝାସ ଦେଇ ବିଲୀନ ହୋଇଯିବାରେ ତାର ସୀମାହୀନ ଆନନ୍ଦ ।"(୧୩)

ସାନ୍ତାଳମାନେ ସୂର୍ଯ୍ୟ ଉପାସକ । ଠାକୁର କହିଲେ ଯାହା ବୁଝାଯାଏ ତାହା ବୋଧେ ସାନ୍ତାଳମାନେ ବେଶୀ ଜାଣନ୍ତି । ସୂର୍ଯ୍ୟ ହେଉଛନ୍ତି ସାନ୍ତାଳୀମାନଙ୍କର ଠାକୁର । ଏମାନଙ୍କର ବିଶ୍ୱାସ ଏପରି ଦୃଢ଼ ଯେ 'ଠାକୁର କାହାର କିଛି କ୍ଷତି କରନ୍ତି ନାହିଁ । ଠିକ୍ ସୂର୍ଯ୍ୟଙ୍କୁ ସେଇ ଅର୍ଥରେ ଗ୍ରହଣ କରାଯାଇପାରେ । ଅନେକ ଗବେଷକ ମତ ଦିଅନ୍ତି ଓଡ଼ିଆ ଭାଷାରେ ଠାକୁର ଅର୍ଥ ବୋଧହୁଏ ସାନ୍ତାଳୀ ଭାଷାର ବେଶୀ ପାଖାପାଖି । ସାନ୍ତାଳମାନଙ୍କର ଆଉ ଏକ ଦେବତା ହେଉଛନ୍ତି ପର୍ବତ ଦେବତା । 'ମାରାଙ୍ଗବୁରୁ' ଯେ କି ଶକ୍ତିଶାଳୀ ଦେବତା ଓ ଅଗ୍ରପୂଜ୍ୟ । 'ମଣେକୋ' ହେଲେ ଅଗ୍ନି ଦେବତା । ମନେ ହୁଏ ସାନ୍ତାଳମାନେ ହେଉଛନ୍ତି ପ୍ରାଚୀନ ଅଗ୍ନି ଉପାସକ ଓ ଅଗ୍ନିତତ୍ତ୍ୱବେତ୍ତା । ହିନ୍ଦୁ ଉପାସନା ଅନ୍ତର୍ଗତ ପଞ୍ଚାଗ୍ନିର ପରିକଳ୍ପନା ପରିସେମାନଙ୍କର ମଧ୍ୟ ପାଞ୍ଚ ଭାଇ ପରମ୍ପରାବେଶ ତାତ୍ପର୍ଯ୍ୟପୂର୍ଣ୍ଣ ।"ଆମ୍ଭେମାନେ ପଞ୍ଚାଗ୍ନି କହିଲେ ବୁଝୁ- ୧) ଗୃହରେ ଜଳୁଥିବା ନିଆଁ (ରୋଷ କାର୍ଯ୍ୟରେ ଲାଗୁଥିବା ଦହନଯୋଗ୍ୟ କାଷ୍ଠାଗ୍ନି,୨) ବଜ୍ରାଗ୍ନି (ବିଜୁଳି), ୩) ସୂର୍ଯ୍ୟତାପ (ସୂର୍ଯ୍ୟକିରଣରୁ ଯବକାଚ ମାଧ୍ୟମରେ ଗ୍ରହଣ କରାଯାଉଥିବା ଦହନ ଶକ୍ତି), ୪) ଜଠରାଗ୍ନି (ଶରୀରର ପରିପାକ କ୍ରିୟା ସମ୍ପାଦନ କରୁଥିବା ଶକ୍ତି ବିଶେଷ), ୫) ବଡ଼ବାଗ୍ନି (ଜଳକୁ ଦହନ କରୁଥିବା ବିଶେଷ ଅଗ୍ନି) ।"(୧୦) 'ବୃହଦେବତା' ଗ୍ରନ୍ଥର ବର୍ଣ୍ଣନା ପ୍ରକାର ପଞ୍ଚଅଗ୍ନି ହେଲେ ୧. ଦ୍ରବିଣୋଦା ୨.ତନୂନପାତ ୩.ନରାଶମ ୪.ପବମାନ ୫. ଜାତଭେଦ । ବୈଦିକ ଅଗ୍ନିତତ୍ତ୍ୱ ଉକ୍ତ ହେବାର ବହୁ ପୂର୍ବରୁ ସାନ୍ତାଳମାନେ ପଞ୍ଚଅଗ୍ନିଙ୍କ ସମ୍ପର୍କରେ ଅବଗତ ଥାଇ ଅଗ୍ନିର ବ୍ୟବହାରରେ ନିଜର ଦକ୍ଷତା ପ୍ରକାଶ କରି ପାରିଥିଲେ । ବେଦ ସୃଷ୍ଟିର ବହୁ ପୂର୍ବରୁ ଏହି ପ୍ରାଚୀନ ଜନଜାତିର ମାନବ ମାନେ ଅଗ୍ନିରେ ପୋଡ଼ି ଓ ଅଗ୍ନି ବ୍ୟବହାର କରି ସିଝାଇ ଖାଦ୍ୟ ଖାଉଥିଲେ । 'ମଣେକୋ' ଙ୍କ ସହିତ ତାଙ୍କ ଭଉଣୀ 'ଜାହେରଇରା' ସବୁ ଗ୍ରାମର ଗ୍ରାମମୁଣ୍ଡ ବୃକ୍ଷ ମୂଳରେ ନିବାସ କରିଥିବାର ବିଶ୍ୱାସ ସାନ୍ତାଳମାନଙ୍କର ଏତେ ଦୃଢ଼ ଯେ ସେହି ପବିତ୍ର ସ୍ଥାନକୁ ସେମାନେ ଖୁବ ସମ୍ମାନ କରନ୍ତି ।

ନୃତ୍ୟଗୀତ ସାନ୍ତାଳ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଯେହେତୁ ସେମାନେ ପ୍ରାୟ ପାହାଡ଼ିଆ ବନାଞ୍ଚଳର ବାସିନ୍ଦା । ତେଣୁ ସେମାନଙ୍କର ଜୀବନଶୈଳୀ ପ୍ରକୃତିଦ୍ୱାରା ବେଶ୍ ପ୍ରଭାବିତ ହେବା ସ୍ୱାଭାବିକ । ପୂଜା ପାର୍ବଣ, ବିବାହ ଓ ମନୋରଞ୍ଜନ ପାଇଁ ନିଜର ରକ୍ତକୁ ଝାଳରେ ପରିଣତ କରିଥିବା ଏହି ଶ୍ରମଜୀବୀ ଜାତି ଜୀବନକୁ ଉପଭୋଗ୍ୟ ଓ ଗୋଷ୍ଠୀ ଜୀବନକୁ ସଂହତ କରିବାକୁ ନୃତ୍ୟ ଗୀତରେ ଦୀର୍ଘ ସମୟ ଧରି ମଜ୍ଜି ଯାଆନ୍ତି । ସେଇମାନେ ହିଁ ଗାୟକ, ବାଦକ, ନର୍ତ୍ତକ ଓ ଦର୍ଶକ । ତେଣୁ ସମସ୍ତେ ବିଭୋର ହେବାହେଉଛି ଏକ ବୈଲକ୍ଷଣ । ନୃତ୍ୟର ପ୍ରତି ଛନ୍ଦରେ, ଗୀତର ପ୍ରତି ପଦରେ, ପାଦରେ ପାଦ ମିଶାଇ ଜୀବନର ପ୍ରତିଟି ମୁହୂର୍ତ୍ତକୁ ସଙ୍ଗୀତ ସଜାଇ ଗାଇ ଯାଆନ୍ତି । ଶିଶିର ହକଳା ବଣବୁଦାରେ ଜୀବନ ଫିଟିପଡ଼େ କାକର ବୁନ୍ଦାରେ ମୁକ୍ତା ଝଳି ଦିଶିବା ପରି । ସେଇଥିରେ ପ୍ରତିବିମ୍ବିତ ହୋଇଯାଏ ନିଜର ସାମାଜିକ ଅବସ୍ଥା; ଦୁଃଖ ସୁଖ, ଧର୍ମ ଭାବନା, ପିଲାଛୁଆଙ୍କ ଭାଗ୍ୟ ଓ ଭବିଷ୍ୟତ ।

"ମାଏଡିଙ୍ଗ ମାଏଡିଙ୍ଗ ଗୋତୁସୁକ ଦୁଲାରେ

ବାବୁଡିଙ୍ଗ ଗୋ କୁଲହି ଆଲାରେ

ମାଏ ଆଏ ଓହ୍ବରେ ଡୋ ଟିକାଙ୍ଗେ ଲେଖାଏ ଆ ଆ

ବାବୁଇ ଗୁନହାରୋଡୋ ଗମାଙ୍ଗ ଧାଲାଭ ।"

ସାନ୍ତାଳୀ କହୁଛି-ମୋ ଝିଅ ହେଉଛି ଘରର ସ୍ନେହ ଓ ସୌନ୍ଦର୍ଯ୍ୟ, ମୋ ପୁଅ ହେଉଛି ଗାଁର ସୌନ୍ଦର୍ଯ୍ୟ । ମୋ ଝିଅ ଦୋଷ କଲେ ମୁଁ ଅର୍ଥ ବ୍ୟୟ କରେ । ଯଦି ମୋ ପୁଅ ଅପରାଧ କରେ ତେବେ ମଧ ମୁଁ ଧନ ଖର୍ଚ୍ଚ କରେ ।

ଏ ହେଉଛି ଦାରିଦ୍ର୍ୟତାର ଦାବ ଦହନ ଭିତରେ ସନ୍ତୁଳି ହୋଇଥିବା ବନବାସୀ ସାନ୍ତାଳର ଏକକ ମନସ୍ତତ୍ତ୍ୱ । ସାନ୍ତାଳ ସଙ୍ଗୀତରେ ଯାହା କହେ ସେଇ ବର୍ଣ୍ଣନାରେ ଥାଏ ଅନେକ ବର୍ଣ୍ଣବିଭା । ଇଙ୍ଗୀତଧର୍ମୀ ବର୍ଣ୍ଣନା ମାଧ୍ୟମରେ ପ୍ରକାଶିତ ଏହି ସଙ୍ଗୀତକୁ କୁହାଯାଏ 'ହୁଡ଼ସଜଂ ସେରେଙ୍ଗ' ।

"ଆଦିବାସୀମାନେ ସୀମିତ ସମ୍ବଳରେ ଜୀବନ ନିର୍ବାହ କରନ୍ତି । ସେମାନଙ୍କ ପାଖରେ ମଉଜ କରିବାକୁ ସେମିତି କିଛି ବିଶେଷ ପଦାର୍ଥ ନଥିବାରୁ ସେମାନେ ନୃତ୍ୟ ଓ ଗୀତକୁ ବେଶୀ ଉପଭୋଗ କରନ୍ତି । ନୃତ୍ୟରେ ଦିଅଁ ଦେବତାଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରନ୍ତି । ଗୀତରେ ମନର ଭାବନାକୁ ଅତି ନିଖୁଣ ଭାବରେ ଉପସ୍ଥାପିତ କରନ୍ତି ସତୀର୍ଥ ଓ ସମାଗୋତ୍ରୀୟଙ୍କ ନିକଟରେ ।"(୧୪)

ସାନ୍ତାଳ ସମ୍ପ୍ରଦାୟ ଆତ୍ମା ବିଶ୍ୱାସୀ ଭାବରେ ଅତି ପ୍ରାଚୀନ କାଳରୁ ଜୀବନକୁ ନିୟନ୍ତ୍ରଣ କରି ଆସୁଛି । ଯାହାର ନିଦର୍ଶନ ରୂପେ ଜାହେର୍‌ଆୟ, ମଣେକୋ, ଲିଟା ପରି ବିଭିନ୍ନ ଦେବୀଦେବ ଉପାସନା ସମେତ ବିନ୍ତି ଲୋକକଥାର ଅବତାରଣା କରାଯାଇଛି । ସାନ୍ତାଳମାନେ ପୁନର୍ଜନ୍ମରେ ବିଶ୍ୱାସୀ । 'ବିନ୍ତି' ରେ ସୃଷ୍ଟି ରହସ୍ୟ ସମେତ ସାନ୍ତାଳ ଜାତିର ଉତ୍ପତ୍ତି ସମ୍ପର୍କରେ କିପରି ମାରାଂବୁରୁଙ୍କ ଇଚ୍ଛାରେ ହାଁସହାଁସଲୀ ପକ୍ଷୀଙ୍କ ଅଣ୍ଡାରୁ ଆଦିମାନବ ଓ ଆଦିମାନବୀ (ପିଲ୍‌ଚୁହାଣାମ ଓ ପିଲ୍‌ଚୁବୁଢ଼ୀ) ଜାତ ହୋଇଥିଲେ ତାହାର ମାର୍ମିକ ବର୍ଣ୍ଣନା ସ୍ଥାନିତ ହୋଇଛି ।

ସାନ୍ତାଳମାନେ ଏକ ପ୍ରାଚୀନ ସଭ୍ୟ ଜାତି ଭାବରେ 'ଶାରନା' ଧର୍ମାବଲମ୍ବୀ ଅଟନ୍ତି । 'ଶାରନା', ଏହି ନାମକରଣ ମୂଳରେ ରହିଛି ଶର । ଜନ୍ମଠାରୁ ବିବାହ ଦେଇ ମୃତ୍ୟୁ ପର୍ଯ୍ୟନ୍ତ ଶର ସହିତ ସାନ୍ତାଳର ସମ୍ପର୍କ । ଜନ୍ମ ସମୟରେ ନାହି ନାଡ଼ କଟା ହୁଏ ଶର ମୁନରେ । ନବଜାତକ ପାଖରେ ଶର ଥୁଆ ହୁଏ । ବିବାହ ସମୟରେ ସାନ୍ତାଳ ଶର ଧାରଣ କରେ ଓ ମୃତ୍ୟୁ ସମୟରେ ଶର ମୁନରେ ଅଗ୍ନି ସଂଯୋଗର ପରମ୍ପରା 'ଶାରନା' ଧର୍ମର ମୂଳ ଲକ୍ଷ୍ୟ । ଶର ସାନ୍ତାଳର ରକ୍ଷା କବଚ । ଏଥିରୁ ଜଣାପଡ଼େ ଯେ ସାନ୍ତାଳ ଏକ ଶିକାର ପ୍ରିୟ ଜାତି ଓ ଯୁଦ୍ଧରେ ପାରଙ୍ଗମ ହୋଇଥିବା ଲଢୁଆ ଜାତି ଅଟନ୍ତି ।

ସାନ୍ତାଳ ସମାଜରେ ଉଭୟ ସ୍ୱକୀୟା ଓ ପରକୀୟା ପ୍ରେମକୁ ସ୍ୱୀକୃତି ମିଳିବାର ପରମ୍ପରା ଥିଲେ ହେଁ ସ୍ୱକୀୟା ପ୍ରେମ ଓ ପ୍ରଣୟକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ବିଧବା ବିବାହ ପ୍ରସଙ୍ଗରେ ସାନ୍ତାଳ ସମ୍ପ୍ରଦାୟ ରକ୍ଷଣଶୀଳ ନୁହନ୍ତି । ପ୍ରେମ କଥା ବୋଲି ସାନ୍ତାଳ ସମାଜରେ ଯାହା ପ୍ରଚଳିତ ତାହା ପ୍ରଣୟ ପାଇଁ ଉଦ୍ଦିଷ୍ଟ । ପ୍ରଣୟ ଭିତ୍ତିକ ପ୍ରେମ କଥା ସାନ୍ତାଳ ଲୋକକଥାର ମୁଖ୍ୟ ବିଳାସ । ସେମାନଙ୍କର ବିଶ୍ୱାସ ପ୍ରେମ ଓ ପ୍ରଣୟ 'ପିଲ୍‌ଚୁ'ଙ୍କ ଠାରୁ ଆରମ୍ଭହୋଇ କ୍ରମେ ସମସ୍ତ ସମାଜରେ ପରିବ୍ୟାପ୍ତ ହୋଇଛି । ଏହି ବିଶ୍ୱାସର ଆଧାରରେ ସାନ୍ତାଳମାନେ ପ୍ରେମ ଓ ପ୍ରଣୟକୁ ସ୍ରଷ୍ଟାଙ୍କର ସୃଷ୍ଟିକୁ ଗତିଶୀଳ କରିବାରେ ସହାୟକ

ହୁଏ ବୋଲି ବିଶ୍ୱାସ ରଖନ୍ତି ।

ସାନ୍ତାଳମାନେ ଅତିଥି ପରାୟଣ ଅଟନ୍ତି । ସ୍ୱତନ୍ତ୍ର କାଇଦାରେ ଘରକୁ ବନ୍ଧୁ ବା ଅତିଥି ଆସିଲେ ଜଳପୂର୍ଣ୍ଣ ଧାତବ ଘଟ ସ୍ଥାପନ କରି ପାଛୋଟି ନେଇ ଅଭିବାଦନ ଜଣାଇବାର ପରମ୍ପରା ରହିଛି । ସାନ୍ତାଳ ଲୋକକଥା ଓ ଲୋକନୃତ୍ୟ (ବେଝା ଓ ଦାସାଁୟ) ରେ ଅତିଥି ସତ୍କାରର ବହୁବିଧ ବର୍ଣ୍ଣନା ଦେଖିବାକୁ ମିଳେ । ଏଥିରୁ ଜଣାଯାଏ ଏହି ପ୍ରାଚୀନ ଗୋଷ୍ଠୀ ସତରେ କେତେ ସଭ୍ୟ ଓ ସୁଶିକ୍ଷିତ ଭାବେ ଅତିଥି ସତ୍କାର କରନ୍ତି । ସାନ୍ତାଳମାନଙ୍କ ବିଶ୍ୱାସମତେ ଲିଟାବାବା ହେଉଛନ୍ତି ସମାଜର ପ୍ରଥମ ଅତିଥି ଯାହାଙ୍କୁ ପିଲଚୁ (ଆଦିମାନବ) ସତ୍କାର କରିଥିଲେ । ଅତିଥି ସତ୍କାରକୁ ସାନ୍ତାଳୀ ଭାଷାରେ କୁହାଯାଏ 'ପେଳାଦକ ଦାରାମକଓ୍ୱା' । ଏପରିକି କୌଣସି ଅପରିଚିତ ଆଗନ୍ତୁକଙ୍କୁ ମଧ୍ୟ ସାନ୍ତାଳମାନେ 'ପେଳା' ନାମରେ ସମ୍ବୋଧନ କରନ୍ତି ।

ଅନ୍ୟାନ୍ୟ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କ ପରି ସାନ୍ତାଳମାନେ ମଧ୍ୟ ପରିଧାନ ଓ ବେଶପ୍ରିୟ । ସାନ୍ତାଳ ପୁରୁଷମାନେ 'କାଚା' ନାମରେ ପାଗ ହାତ ଲମ୍ବ ଓ ଦୁଇ ହାତ ଓସାରର ତନ୍ତବୁଣା ଲୁଗା ପରିଧାନ କରୁଥିବା ବେଳେ ସ୍ତ୍ରୀ ଲୋକମାନେ 'ଝଲଲାଃ' ନାମରେ ବାରହାତ ଲମ୍ବ ଓ ଦୁଇହାତ ଲମ୍ବର ଶାଢ଼ୀ ପିନ୍ଧନ୍ତି । ଯୁବତୀ କନ୍ୟା ପ୍ରଥମରେ ଶାଢ଼ି ପିନ୍ଧିଲେ ଏହାକୁ ଲୁଗ୍ଲିସାବ ବା ଲୁଗା ପିନ୍ଧା (ପ୍ରଥମ ରଜସ୍ୱଳା) ବୋଲି କୁହାଯାଏ । ନାରୀମାନେ ବିଭିନ୍ନ ଧାତବ ନିର୍ମିତ ଅଳଙ୍କାର ପିନ୍ଧିବାକୁ ସୁଖ ମଣନ୍ତି । ଆଗରୁ ବନଜାତ ପଦାର୍ଥ ମାନଙ୍କରେ ନିର୍ମିତ ଅଳଙ୍କାର ପରିଧାନ କରୁଥିଲେ ।

ଗଛ, ପତ୍ର, ଫଳଫୁଲ, ଅରଣ୍ୟ ସମ୍ପଦ, ମାଟି ପଥରକୁ ନେଇ ସେମାନେ ନିଜର ଲୁଗା, ଘର ସଜାଇବା ଦ୍ରବ୍ୟ, ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ପ୍ରଭୃତି ପ୍ରସ୍ତୁତି କରିଥାନ୍ତି । "ସାନ୍ତାଳୀ ରମଣୀମାନେ ସାଧାରଣତଃ ପାଦ ଅଙ୍ଗୁଠିରେ ରୌପ୍ୟ ଓ ପିତଳରେ ନିର୍ମିତ ବାତରୀ, ବଳାରେ ପାଇଁଜୀ ଅଣ୍ଟା ଗୁଣ୍ଡି , ଭୁଜାରେ ବାଜୁ, ହାତରେ ଶଙ୍ଖା, ଆଙ୍ଗୁଠିରେ ମୁଦ୍ମ, ଖୋସାରେ ସୁଲାକ୍, ସୁଦୁପାଣୀ ପାନ୍‌କାଠା, ବେକରେ ଟଙ୍କାମାଳୀ, ପୋହଳ, କାନରେ ପାଗର, ନାକରେ ନୁଲୁକୁ, ଫୁଲି ଆଦି ବ୍ୟବାହର କରିଥାଏ । ଯୁବକମାନେ ଯେଉଁ ବସ୍ତ୍ର ପିନ୍ଧନ୍ତି ତାକୁ ଖୁଟାକାଚା ବା ସ୍ତ୍ରୀ ଲୋକମାନଙ୍କର ଶାଢିକୁ ଝାଲା କୁହାଯାଏ ।  ଏସବୁ ଲୁଗା ସେମାନେ ନିଜେ ସୁତାକାଟି ନିଜ ହାତରେ ବୁଣିଥାନ୍ତି ।

ସାନ୍ତାଳ ଅର୍ଥ ସତ ଆଳ ବା ସତ୍ୟନୀତି ଗ୍ରହଣ କରିଥିବା ଜାତି । ପୁନଶ୍ଚ କୁହାଯାଇଛି ସାତ୍ ଆନ୍ ଅର୍ଥାତ ଯେଉଁମାନେ ସଫଳତା ପାଇଛନ୍ତି ସେମାନେ ହେଉଛନ୍ତି ସାନ୍ତାଳ । ଡଃ. ଡାଲଟନ୍‌ଙ୍କ ପରି ଗବେଷକମାନେ ମତ ଦିଅନ୍ତି ଯେ ସାଆନ୍ତ ଉପାଧିରୁ ସାନ୍ତାଳ ଶବ୍ଦର ଉତ୍ପତ୍ତି । ବିଚାର କରାଯାଏ କୌଣସି ସାମନ୍ତ ରାଜା ଭାବରେ ଶାସନ କରିବାରୁ ସେମାନଙ୍କ ଠାରୁ ସାନ୍ତାଳ ଜାତିର ନାମକରଣ ସାନ୍ତାଳ (ସାଆନ୍ତ) ହୋଇଅଛି । ଏହିପରି ବିଭିନ୍ନ ମତ ପ୍ରଚାର ହୋଇଥିଲେ ହେଁ ସାନ୍ତାଳ ଯେ ଏକ ପ୍ରାଚୀନ ସୁସଂସ୍କୃତ ଜାତି ଏଥିରେ ଦ୍ୱିମତ ନଥିବା ସ୍ୱାଭାବିକ । ଏହି ଆରଣ୍ୟକ ଜାତି ସାରା ପୃଥିବୀରେ ବାସ କରୁଥିବା ଜନଜାତିଙ୍କ ମଧ୍ୟରୁ ଅନ୍ୟତମ ଓ ଭାରତରେ ଏମାନଙ୍କ ସଂଖ୍ୟା ତୃତୀୟ ସ୍ଥାନରେ ସ୍ଥାନିତ ।

**ନିଷ୍କର୍ଷ:**

ସାନ୍ତାଳୀମାନଙ୍କର ନିଆରା ପରମ୍ପରାଗୁଡିକ ଆଜି ପର୍ଯ୍ୟନ୍ତ ସୁରକ୍ଷିତ । ସାନ୍ତାଳ ଗୋଷ୍ଠୀର ସ୍ୱାକ୍ଷରହାର ଅନ୍ୟ

ଆଦିବାସୀଙ୍କ ଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ । ସମ୍ପ୍ରତି ଦେଶ, ବିଦେଶରେ ଚାକିରୀ କରି ସେମାନେ ନିଜକୁ ପ୍ରତିଷ୍ଠିତ କଲେଣି, ତଥାପି ସମାଜର ନୀତିନିୟମକୁ ଶ୍ରଦ୍ଧାର ସହିତ ପାଳନ କରିବା ପାଇଁ ଗ୍ରାମକୁ ଯାଆନ୍ତି । କାରଣ ପ୍ରତ୍ୟେକ ସାମାଜିକ କ୍ରିୟାକ୍ରମ, ଉତ୍ସବ ଅନୁଷ୍ଠାନ ଗ୍ରାମ ପଂଚାୟତ ଦ୍ୱାରା ସ୍ୱୀକୃତି ଲାଭ କରିଥାଏ । ଏହା ହେଉଛି ସାନ୍ତାଳ ସମାଜର ବୈଶିଷ୍ଟ୍ୟ ।

**ପ୍ରସ୍ତାବ**

୧. ନିଜ ଅଂଚଳର ଉନ୍ନତି ପାଇଁ ଯଦି ସମସ୍ତଙ୍କର ସ୍ୱଇଚ୍ଛାଶକ୍ତି ରହିବ ତେବେ ଭୂଖଣ୍ଡକୁ ବିଶ୍ୱ ଜଗତୀ କରଣରେ ସ୍ଥାନିତ କରିପାରିବା ।

୨. ନିଜ ଅଂଚଳରେ ଦେଖାଯାଉଥିବା ସମସ୍ୟାକୁ ସମସ୍ତେ ମିଳିତ ଭାବରେ ସମାଧାନ କରିପାରିଲେ, ସମଗ୍ର ମାନବ ସମାଜର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ।

୩. ବିଶେଷ କରି ମନ, ନେତୃତ୍ୱ, ପ୍ରେରଣା, ଜୀବନ, ଜୀବନଶୈଳୀ, ବିଭବ, ଗବେଷଣା, ଶୈକ୍ଷିକ ବିକାଶ, ବୈଷୟିକ ଜ୍ଞାନ କୌଶଳର ବିକାଶ, ଶୈକ୍ଷିକ କୃତିତ୍ୱ ଓ ଶୈକ୍ଷିକ ପରାମର୍ଶ ଉପରେ ଅଧିକ କାର୍ଯ୍ୟ କରିବାର ଯୋଜନାମାନ ପ୍ରସ୍ତୁତ କରିବା ।

**ଉପସଂହାର:**

ସାନ୍ତାଳମାନେ ସୌନ୍ଦର୍ଯ୍ୟପ୍ରିୟ ପ୍ରକୃତି ସହିତ ସାନ୍ତାଳମାନଙ୍କର ଅନ୍ତରଙ୍ଗ ସମ୍ପର୍କ ସେମାନଙ୍କ ଦୈନନ୍ଦିନ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଥାଏ । ସଭ୍ୟତାର ପ୍ରସାର ସତ୍ତ୍ୱେ ସେମାନଙ୍କର ଏ ମାନସିକତା ଦୂର ହୋଇନାହିଁ । ଖଣି ଖାଦାନରେ ହେଉ କି ଇଟାଭାଟିରେ କି କ୍ଷେତରେ ହେଉ କି ଜଙ୍ଗଲରେ ହେଉ ସାରାଦିନ ଖଟଣୀ ପରେ ସାନ୍ତାଳ ଯୁବକ ଯୁବତୀ ନିଝୁମ ରାତିର ସାଥୀ ହୋଇ ରୁମ୍‌ଝୁମ୍ ଝଙ୍କାରରେ ଝଂକୃତ କରନ୍ତି । ଚାନ୍ଦିନୀ ରାତି ପୁଣି ଗାଁ ଅନ୍ଧକାରକୁ । ଅଖଳା ବାଦ୍ୟଯନ୍ତ୍ରର ତାଳେ ତାଳେ ନାଚି ଉଠେ ସାନ୍ତାଳ ଯୁବତୀ । ବଇଁଶୀର ସୁରେ ସୁରେ ମାତୁଆଲା ହୋଇ ଉଠନ୍ତି ଯୁବକ ଯୁବତୀ । ଅଦିବାସୀ ଯୁବତୀ ପାଇଁ ମନ ହେଉଛି ବଡକଥା । ପ୍ରେମ ତା ପାଇଁ ଶାଶ୍ୱତ ଓ ଚିରନ୍ତନ ।

ଓଡିଶାର ଲୋକସଂଖ୍ୟାର ଶତକଡା ୨୨ ଭାଗ ଜନଜାତି ରାଜ୍ୟର ସୁଖ, ସମୃଦ୍ଧି, ପ୍ରଗତି ଓ ବିକାଶର ଗୋଟେ ମୁଖ୍ୟ ଅଂଶିଦାର । ସେମାନଙ୍କୁ ବାଦ ଦେଇ ଓଡିଶାର ସାମୂହିକ ବିକାଶ ଚିନ୍ତା କରାଯାଇପାରେନା । ହଜାର ହଜାର ବର୍ଷଧରି ସେମାନେ ଓଡିଶାର ସଂସ୍କୃତିକୁ ନାନା ଭାବରେ ପୃଷ୍ଟ ଓ ବଳିଷ୍ଠ କରିଆସିଛନ୍ତି । ଦାରିଦ୍ର୍ୟସତ୍ତ୍ୱେ ସେମାନଙ୍କ ମଧ୍ୟରେ ଉଦ୍‌ଜୀବିତ ଥିବା ସାଂସ୍କୃତିକ ଚେତନା, ଧର୍ମବିଶ୍ୱାସ, ପ୍ରକୃତି ପ୍ରୀତି, ରସବୋଧ, ନ୍ୟାୟ ପରାୟଣତା, କଳା ଓ ସୌନ୍ଦର୍ଯ୍ୟ, ଚେତନା, ରୋମାଣ୍ଟିକ୍ ଭାବବିଳାସ ପ୍ରଭୃତି ଉଚ୍ଚମାନବିକ ମୂଲ୍ୟବୋଧ ଆଦି ଓଡିଶାର ସାରସ୍ୱତ ଜଗତରେ ପ୍ରତିବିମ୍ବିତ ହୋଇଛି ।

**ସହାୟକ ଗ୍ରନ୍ଥସୂଚୀ:**

୧. ମିଶ୍ର ମହେନ୍ଦ୍ର କୁମାର, ଲୋକ ସଂସ୍କୃତି ସିଦ୍ଧାନ୍ତ ଓ ପ୍ରୟୋଗ, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, Page- 136

୨. ହେମ୍ରମ ଉକ୍ଟର ଲିପି, ଓଡିଶାର ଆଦିବାସୀ ସଂସ୍କୃତି, ପୃ-୩୩, ଆଦିବାସୀ ସଂସ୍କୃତି ଓ ସାହିତ୍ୟ ଏକ ସମାଜତାତ୍ତ୍ୱିକ ବିଶ୍ଳେଷଣ, ସ୍ନାତକୋତ୍ତର ଓଡିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ - ୨୦୦୫ ।

୩. ମିଶ୍ର ଶ୍ରୀ ନୃସିଂହ ପ୍ରସାଦ, ସାହୁ ଶ୍ରୀ ଶୁକଦେବ, ଆଦିବାସୀ ସମାଜ ଓ ସଂସ୍କୃତି ମନୋରମା ପବ୍ଲିଶର୍ସ, ପୃଷ୍ଠା – ୧, ୨୦୦୭ ।

୪. Mathur Nita, Santhal Worldview, Indragandhi Center for he Ants 2001, page- 1

୫. Geographical Data of the Early Puranas– ( A critical Study by Dr. M.R. Sing, Punik Pustak, Calcutta (1972) page- 281-82

୬. Life in Mediaval Orissa (cirs, AD), 600-1200 by Dr. A.P Sah, Chawkhamba Orientalia, various, India (1976) page -198

୭. ପାଢୀ ବେଣୀମାଧବ, ଦାରୁଦେବତା, ଷ୍ଟୁଡେଣ୍ଟ ଷ୍ଟୋର, ବାଲୁବଜାର, କଟକ, ୨୦୧୭ ।

୮. ବନଜା, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର-୨୦୧୭, ପୃଷ୍ଠା-୩,୪

୯. ବେଶ୍ରା ଡ଼ଃ ଦମୟନ୍ତୀ- ଆଦିବାସୀ ଭାଷା ସାହିତ୍ୟ, ପୃ- ୪୨, ପ୍ରକଳ୍ପ ପ୍ରବନ୍ଧାବଳୀ, ସ୍ନାକୋତ୍ତର ଓଡିଆ ବିଭାଗ ଉତ୍କଳବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ୨୦୦୫ ।

୧୦. ଆଦିମ ବିଚାର ଓ କୃଷିର ଦେବତା- ଶ୍ରୀ ନରହରି ଉପାଧ୍ୟାୟ, "ପ୍ରାଚୀପ୍ରଭା" ପ୍ରାଚୀ ମହୋତ୍ସବ ମୁଖପତ୍ର- ୨୦୦୪ ।

୧୧. ବେଶ୍ରା ଡଃ ଦମୟନ୍ତୀ- ସାନ୍ତାଳମାନଙ୍କ ନୃତ୍ୟ ଓ ସଂଗୀତ, ପୃ-୬୭ ।

୧୨. ବେଶ୍ରା ଡଃ ଦମୟନ୍ତୀ- ସାନ୍ତାଳ କଳା ଓ ଚାରୁକଳାରେ ସୌନ୍ଦର୍ଯ୍ୟତତ୍ତ୍ୱ, ପୃଷ୍ଠା- ୬୬,୬୭ ।

୧୩. ସମ୍ପାଦନା–ସାହୁ ଡଃ ଅନନ୍ତ ଚରଣ, ସାନ୍ତାଳ ଜ୍ଞାନକୌଶଳ, ପୃ-୨୮,୨୯, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର – ୨୦୦୬ ।

୧୪. ମିଶ୍ର ରାଜକିଶୋର, ଗୋପୀନାଥଙ୍କ ଉପନ୍ୟାସର ମରମକଥା, ପୃ-୧୯, ବିଦ୍ୟାପୁରୀ, ବାଲୁ ବଜାର, କଟକ, ୨୦୦୭ ।